# ଚାଷୀଙ୍କ ବିକାଶ ପାଇଁ ଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା

**ରାୟଗଡ଼ା,୨।୧୧ (ଆଶିଷ ରଞ୍ଜନ ପଣ୍ଡା)**


ବୈଠକରେ ଉପସ୍ଥିତ ଭାଜପା କୃଷକ ମୋର୍ଚ୍ଚାର ସଦସ୍ୟମାନେ।

## ଭାଜପା କୃଷକ ମୋର୍ଚ୍ଚା ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ରାୟଗଡ଼ା ସହର ସିରିଗୁଡ଼ାସ୍ଥିତ ଭାଜପା ନୂତନ କାର୍ଯ୍ୟାଳୟଠାରେ ଗୁରୁବାର ଭାଜପା କୃଷକ ମୋର୍ଚ୍ଚାର ପ୍ରଥମ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଜତ ମାଦଳାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ବିକାଶ ଓ ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଦୃତ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ଆଲୋକପାତ କରିଥିଲେ । ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଅନ୍ୟ ନାମ ଦେଇ ନିଜର ଯୋଜନା କହି ଚାଷୀଙ୍କୁ ଭୁଆଁ ବୁଲାଉଥିବା ମହେଶ୍ୱର ଅଭିଯୋଗ କରିଥିଲେ । ଆଗାମୀ ଦିନରେ ଦଳ କିଭଳି ମଜଭୁତ ହେବ ଏବଂ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ଆଣିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏଭଳିକି ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱାମୀନାଥନ କମିଶନ ଚାଷୀଙ୍କୁ ସୁବିଧା ଯୋଗାଇବା ପାଇଁ ବିଭିନ୍ନ ଅନୁଧ୍ୟାନକରି ଏକ ରିପୋର୍ଟ ପ୍ରଦାନ କରିଥିଲେ । ୨୦୦୪ରେ ୟୁପିଏ ପୁନଃ ସରକାର ଗଠନ କରିବା ପରେ ସେ ସବୁ ଯୋଜନା କାର୍ଯ୍ୟକାରୀ ହୋଇପାରି ନ ଥିଲା । ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ସରକାର ସ୍ୱାମୀନାଥନଙ୍କ ରିପୋର୍ଟକୁ ଆଧାରକରି ଚାଷୀଙ୍କ ନିମନ୍ତେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଆରମ୍ଭ କରିଥିଲେ । ବର୍ତ୍ତମାନ ଧାନ କୁଇଣ୍ଟାଲ ପିଛା ୨ ହଜାର ୧୮୩ ଟଙ୍କା କେନ୍ଦ୍ର ସରକାର ଧାର୍ଯ୍ୟ କରିଥିଲେ । ଏହାଦ୍ୱାର ଚାଷୀମାନେ ଲାଭ ପାଇପାରୁଛନ୍ତି । ତେଣୁ ଆଗାମୀ ନିର୍ବାଚନ ଆଉ ୬ ମାସ ରହିଥିବା ବେଳେ ଭାଜପା କର୍ମକର୍ତ୍ତା ତୃଣମୂଳସ୍ତରରେ ଲୋକଙ୍କୁ ଭେଟି କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ଉପରେ ଆଲୋକପାତ କରିବାକୁ ଦଳୀୟ କର୍ମୀ ଓ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମାଞ୍ଚଳରୁ ଲୋକଙ୍କୁ କେନ୍ଦ୍ର ସରକାର ଆଦୃତ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ପିଏମ୍-କିଷାନ, କିଷାନ କ୍ରେଡିଟ୍ କାର୍ଡ ଓ ଅନ୍ୟାନ୍ୟ ଚାଷୀ ହିତକର ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବାକୁ ରାଜ୍ୟ ସଭାପତି ସାହୁ କର୍ମୀମାନଙ୍କୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାୟଗଡ଼ା ପ୍ରଭାରୀ ରାଜପ୍ରସାଦ ସାହୁ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଜତ ମାଦଳା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ କୃଷକ ମୋର୍ଚ୍ଚା ଜିଲା ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଓ ଭାଜପା ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ମହିଳା ସଭାନେତ୍ରୀ ବୁରୁଡ଼ି ଲକ୍ଷ୍ମୀ, ନଗର ମହିଳା ସଭାନେତ୍ରୀ ମଞ୍ଜୁଳା ମିଣିଆକା, ଉପସଭାନେତ୍ରୀ କଂଚଡ଼ା ଅଶ୍ୱିନୀ, ପ୍ରତାପ ପୁଆଲା ଓ କର୍ମୀମାନେ ଉପସ୍ଥିତ ଥିଲେ ।

# ୩ ଶହ ଲିଟର ବିଦେଶୀ ମଦ ଜବତ, ୨ ଗିରଫ


ଜବତ ମଦ ସହ ଗିରଫ ୨ ଅଭିଯୁକ୍ତ।

**ରାୟଗଡ଼ା,୨।୧୧ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ପୋଲିସ ପାଟ୍ରୋଲିଂ କରିବା ସମୟରେ ୩୦୦ଲିଟର ବିଦେଶୀ ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁକୁଲ ସିଂ(୪୨) ଏବଂ ଅଖିଳ ସାହୁ (୪୫)। ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ଓ ଟାଉନ ଥାନା ଆଇଆଇସି କେକେବିକେ କହଁରଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ନିଜ ଟିମ୍ ସହ ଗୁରୁବାର କୁମ୍ଭିକୋଟା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଏକ ବୋଲେରୋକୁ ଅଟକାଇ ପଚରାଉଚୁରା କରିବା ବେଳେ ଡ୍ରାଇଭରଙ୍କ ଉତ୍ତରରେ ପୋଲିସର ସନ୍ଦେହ ହେବାରୁ ଗାଡ଼ିକୁ ଚେକିଂ କରିଥିଲେ। ସେଥିରୁ ବିପୁଳ ପରିମାଣରେ ବିଦେଶୀ ମଦ ଜବତ ହୋଇଥିଲା । ପୋଲିସ ପଚରାଉଚୁରା କରିବାରୁ ସେମାନେ ଲକ୍ଷ୍ମୀପୁର ଦେଇ ଆନ୍ଧ୍ରପ୍ରଦେଶକୁ ଏହି ମଦ ନେଇ ଯାଉଥିବା କହିଥିଲେ। ତେବେ ଗିରଫ ଅଖିଳ ସାହୁ ଏକ ମଦ ଦୋକାନରେ ମ୍ୟାନେଜର ଭାବେ କାମ କରୁଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ଜବତ ବିଦେଶୀ ମଦ ପ୍ରାୟ ୨୯୯.୭ ଲିଟର ଥିବା ପୋଲିସ କହିଛି । ଏନେଇ ରାୟଗଡ଼ା ଥାନାରେ ୩୩୪/୨୩ରେ ମାମଲା ରୁଜୁକରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

# ଆର୍ଥିକ ପରିସ୍ଥିତି ସୁଦୃଢ଼ ପାଇଁ ସଞ୍ଚୟ ଆବଶ୍ୟକ



ସଞ୍ଚୟ ପକ୍ଷ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରମାନେ।

**ରାୟଗଡ଼ା,୨।୧୧ (ଭାଗ୍ୟଶ୍ରୀ ମିଶ୍ର)**

## ବିଶ୍ୱ ମିତବ୍ୟୟିତା ଦିବସ, ସଞ୍ଚୟ ପକ୍ଷ ପାଳନ

ରାୟଗଡ଼ା ଜିଲା ସ୍ୱଳ୍ପ ସଞ୍ଚୟ ସଂସ୍ଥା ତରଫରୁ ବିଶ୍ୱ ମିତବ୍ୟୟିତା ଦିବସ ଓ ସଞ୍ଚୟ ପକ୍ଷ ପାଳନ ହୋଇଛି। ଏହି ଅବସରରେ ଗୋବିନ୍ଦ ଚନ୍ଦ୍ର ଦେବ ଜିଲା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରଙ୍କ ମଧ୍ୟରେ ଆର୍ଥିକ ପରିସ୍ଥିତିକୁ ସୁଦୃଢ଼ କରିବାରେ ସଞ୍ଚୟର ଭୂମିକା ପ୍ରତି ସଚେତନତା ସୃଷ୍ଟି କରାଯାଇଥିଲା। ପରିଚାଳକ ଭାରପ୍ରାପ୍ତ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ବିଠଲ ନୀଳୋତ୍ପଳ ଷଡ଼ଙ୍ଗୀ କହିଥିଲେ, ସଞ୍ଚିତ ଅର୍ଥ ଆଗାମୀ ଦିନରେ ଆସୁଥିବା ଆର୍ଥିକ ସମସ୍ୟା ଓ ବିପଦରୁ ସୁରକ୍ଷା ପ୍ରଦାନ କରିଥାଏ। କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ଶେଖ ଆଲେନୁର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାୟଗଡ଼ା ମୁଖ୍ୟ ଡାକ କାର୍ଯ୍ୟାଳୟର ପୋଷ୍ଟମାଷ୍ଟର, ସ୍ଥାନୀୟ ବିଦ୍ୟାଳୟର ମୁଖ୍ୟ ଶିକ୍ଷୟିତ୍ରୀ ନମିତା ପଧାନ, ଶିକ୍ଷକ କେ.ମୁରଲୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇ ଚାରାରୋପଣ କରିଥିଲେ। ବରିଷ୍ଠ ଅଧିକାରୀମାନେ ଛାତ୍ରୀଛାତ୍ରଙ୍କୁ ବୃକ୍ଷରୁ ସଞ୍ଚୟ ପାଇଁ ପ୍ରେରଣା ନେବାକୁ ଉତ୍ସାହିତ କରିଥିଲେ ଓ ସ୍ୱଳ୍ପ ସଞ୍ଚୟର ଗୁରୁତ୍ୱ ବୁଝାଇଥିଲେ। ଭାରତ ସରକାରଙ୍କ ଦ୍ୱାରା ଡାକ ବିଭାଗ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ପ୍ରଚଳିତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ଓ ରାଜ୍ୟ ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଯେଉଁଥିରେ ସର୍ବାଧିକ ୫ ଲକ୍ଷରୁ ସର୍ବନିମ୍ନ ୪ ହଜାର ପର୍ଯ୍ୟନ୍ତ ପୁରସ୍କାର ରାଶି ପ୍ରତ୍ୟେକ ବର୍ଷ ପ୍ରଦାନ କରାଯାଉଛି, ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବାର୍ଷିକ ସଞ୍ଚୟ ପକ୍ଷ ୩୧ ଅକ୍ଟୋବରରୁ ୧୪ ନଭେମ୍ବର ପାଳନ ଅବସରରେ ଜିଲାସ୍ତରୀୟ ଭାଷଣ ପ୍ରତିଯୋଗିତା, ଆର୍ଥିକ ସାକ୍ଷରତା ଶିବିର ଓ ଭ୍ରାମ୍ୟମାଣ ସଞ୍ଚୟ ରଥ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ହୋଇଥିଲା।

# ‘ମୋ’ ଦଳ ମହାସଚିବ ପ୍ରଦୀପଙ୍କୁ ଖଲାସ ଦାବି

**ରାୟଗଡ଼ା,୨।୧୧ (ଆଶିଷ ରଞ୍ଜନ ପଣ୍ଡା)**

ସୂଚନା ଅଧିକାର କର୍ମୀ ତଥା ମୋ ଦଳ ମହାସଚିବ ପ୍ରଦୀପ ପ୍ରଧାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ପୋଲିସ ଗିରଫ କରିଥିବାବେଳେ ତୁରନ୍ତ ତାଙ୍କୁ ଜେଲରୁ ଖଲାସ କରାଯିବାକୁ ଦାବି ହୋଇଛି। ପ୍ରଦୀପ କୌଣସି ଆନ୍ଦୋଳନରେ ଉପସ୍ଥିତ ନ ଥିବା ବେଳେ ତାଙ୍କ ନାମରେ ମିଥ୍ୟା ମାମଲା ଲଗାଇ ପୋଲିସ ରାଜନୈତିକ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରିଥିବା ମୋ ଦଳ ପକ୍ଷରୁ ଅଭିଯୋଗ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଗ୍ରହଣ କରିଥିଲେ । ତେଣୁ ତାଙ୍କୁ ତୁରନ୍ତ ନିଃସର୍ତ୍ତରେ ଖଲାସ କରାଯାଉ ବୋଲି ଜିଲା ମୋ ଦଳ ସଂଘ ଦାବି କରିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ଧର୍ମେନ୍ଦ୍ର ନାଏକଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

# ଚର୍ଚ୍ଚାରେ ବିଧାୟକ ରଘୁରାମ ପଡ଼ାଲ

**କୋରାପୁଟ,୨।୧୧ (ଅମିତାଭ ବେହେରା)**

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ସେତେ ବିବାଦ ଭିତରକୁ ଚାଲିଯାଉଛନ୍ତି । ପୂର୍ବରୁ ବିଧାୟକ ଜାତିଗତ ପ୍ରମାଣ ପତ୍ର ଓ ଶିକ୍ଷାଗତ ଯୋଗ୍ୟତା ନେଇ ବିବାଦ ଉଠିଥିଲା। ଏବେ ପୁଟସିଲ ଇକୋ ରିଟ୍ରିଟ ଉଦ୍‌ଘାଟନ ଅବସରରେ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଇକୋ ରିଟ୍ରିଟ ସୌନ୍ଦର୍ଯ୍ୟରେ ବିଭୋର ହୋଇ କହିଥିଲେ, ଏହାକୁ ଦେଖିଲେ ଛାତି ଭିତରେ ପଦ୍ମ ଫୁଟିଲା ଭଳି ଲାଗୁଛି। ଯାହାକୁ ନେଇ ଏବେ ଚର୍ଚ୍ଚାର ବିଷୟ ହୋଇଛି।

# ଧାନ ଫସଲ ନଷ୍ଟ କଲେ ହାତୀ

**ଗୁଣପୁର, ୨।୧୧ (ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ଗୁଣପୁର ସହର ଶେଫାଳି ପାହାଡସ୍ଥିତ ହନୁମାନ ମନ୍ଦିର ନିକଟରେ ଥିବା ଧାନ ଜମିରେ ଦୁଇଟି ହାତୀ ପଶି ଗଛଗୁଡ଼ିକ ଖାଇବା ସହ ଦଳିଚକଟି ଫସଲ ନଷ୍ଟ କରି ଦେଇଛନ୍ତି । ଆଉ କିଛି ଦିନ ଗଲେ ଧାନ ଅମଳ ହୋଇଥାନ୍ତା। ଅମଳ ସମୟରେ ହାତୀ ଧାନ ଗଛ ନଷ୍ଟ କରି ଦେଇଥିବାରୁ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ହାଉସିଂବୋର୍ଡ ଗ୍ରାମର ଜାବେଲ ଶବରଙ୍କ ଜମିରେ ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳୁ ଜାବେଲ ନିଜ ଧାନ ଜମିକୁ ଗଲା ବେଳକୁ ହାତୀଙ୍କ ପାଦ ଚିହ୍ନ ଦେଖିବା ସହ ଫସଲ ନଷ୍ଟ ହୋଇଥିବା ଦେଖି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।


ହାତୀ ନଷ୍ଟ କରିଦେଇଥିବା ଚାଷଜମି।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପ୍ରତିବାଦ

## ଜୟପୁରରେ ନୁହେଁ ନବରଙ୍ଗପୁରରେ ପ୍ରମାଣପତ୍ର ଯାଞ୍ଚ ଦାବି

**ନବରଙ୍ଗପୁର ,୨।୧୧ (ସଦାଶିବ ପ୍ରହରାଜ)**


ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଉଟସୋର୍ସିଂ କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି ।

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସିଏସ୍‌ସିଗୁଡ଼ିକରେ ନିଯୁକ୍ତି ପାଇଁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଟେକ୍ନୋ ମ୍ୟାନେଜେରିଆଲ ପଦବୀ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ ନିୟୋଜିତ କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟେଣ୍ଡର ହୋଇଥିଲା। ଏହି ଟେଣ୍ଡରକୁ ଏଲ୍ ଏଣ୍ଡ କେ ନାମକ ଏକ ସଂସ୍ଥା ଗତ ୨ ମାସ ହେବ ଟେଣ୍ଡର ପାଇଥିଲା। ପୂର୍ବରୁ ଭାରତ ସିକ୍ୟୁରିଟି ସଂସ୍ଥା ନାମକ ଅନ୍ୟ ଏକ ସଂସ୍ଥା ମାଧ୍ୟମରେ କାମ କରି ଆସୁଥିବା କର୍ମଚାରୀମାନଙ୍କୁ ପୁନଃ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେ ଅନୁଯାୟୀ ପୂର୍ବରୁ କାମ କରୁଥିବା କର୍ମଚାରୀମାନେ ନିୟମିତ ଭାବେ କାମ ଜାରିରଖିଲେ। ତେବେ ଗତ ୨ ମାସ ହେବ ଉକ୍ତ ସଂସ୍ଥା ନିଯୁକ୍ତ କର୍ମଚାରୀମାନଙ୍କ ଚୁକ୍ତି କିମ୍ବା ପ୍ରମାଣପତ୍ର ଯାଞ୍ଚ କରି ନ ଥିବା ବେଳେ ଚଳିତ ମାସ ୧ ରୁ ୩ ତାରିଖ ମଧ୍ୟରେ ଜୟପୁରରେ ଥିବା ଉକ୍ତ ସଂସ୍ଥାର ଶାଖା କାର୍ଯ୍ୟାଳୟରେ ପ୍ରମାଣପତ୍ର ଯାଞ୍ଚ ପାଇଁ ଏହି ସଂସ୍ଥା ସିଡିଏମ୍‌ଓଙ୍କୁ ଚିଠି କରିଛି । ତେବେ ଜୟପୁରକୁ ପ୍ରମାଣପତ୍ର ଯାଞ୍ଚ ପାଇଁ ଯିବାକୁ କର୍ମଚାରୀମାନେ ବିରୋଧ କରିଛନ୍ତି। ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ସହରରେ ଯାଞ୍ଚ କରିବା ପାଇଁ ଗୁରୁବାର ଶତାଧିକ କର୍ମଚାରୀ ଦାବି କରିଛନ୍ତି। ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ସିଡିଏମ୍‌ଓଙ୍କ ନିକଟରେ ନିଜର ଦାବି ଜଣାଇଛନ୍ତି।

କର୍ମଚାରୀମାନେ ଅଭିଯୋଗ କରିଛନ୍ତି, ଜିଲାର ଚନ୍ଦାହାଣ୍ଡି , ରାଇଘର, ଝରିଗାଁ, ଉମରକୋଟ ଭଳି ଉପାନ୍ତ ଅଞ୍ଚଳରୁ ସେମାନେ ଆସି ବିଭିନ୍ନ ସ୍ଥାନରେ କାମ କରୁଛନ୍ତି। ସେମାନେ ଦୀର୍ଘ ବର୍ଷ ହେବ ଏପରି ବିଭିନ୍ନ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ କାମ କରି ଆସୁଥିବା ବେଳେ କୌଣସି ହେଲେ ସଂସ୍ଥା ଜୟପୁର କିମ୍ବା ଦୂର ଜାଗାକୁ ପ୍ରମାଣପତ୍ର ଯାଞ୍ଚ ହେଉ କିମ୍ବା ଚୁକ୍ତି ପାଇଁ ନ ଡାକି ନବରଙ୍ଗପୁରରେ କରୁଥିଲେ । ଏବେ ଏହି ସଂସ୍ଥା ଜୟପୁରକୁ ଡାକିବାର ଅର୍ଥ କ’ଣ ବୋଲି କହିବା ସହ ଜୟପୁରକୁ ଗଲେ ଅଧିକ ଖର୍ଚ୍ଚାନ୍ତ ହେବା ସହ ଯିବା ଓ ଆସିବାରେ ସମୟ ଲାଗିବ ବୋଲି କହିଛନ୍ତି। ବିଭିନ୍ନ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ କିପରି ଭାବେ ଶୋଷଣର ଶିକାର ହେବାକୁ ପଡୁଛି ସେ ନେଇ କିଛି କର୍ମଚାରୀ ମୁହଁ ଖୋଲିଛନ୍ତି। ସେମାନେ କହିବା ଅନୁଯାୟୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେତିକି ଦରମା ଦେବା ପାଇଁ ଚୁକ୍ତି ରହିଛି ସେ ଅନୁଯାୟୀ ପ୍ରାପ୍ୟ ମିଳୁନାହିଁ। ପ୍ରତି ମାସରେ ନିୟମିତ ଭାବେ ଦରମା ମିଳୁ ନ ଥିବା ବେଳେ ଯେଉଁ ଦରମା ମିଳୁଛି କାଟଛାଣ୍ଟ କରି ଦିଆଯାଉଛି। ମାସିକ ୪ ଦିନ ଛୁଟିର ନିୟମ ରହିଥିବା ବେଳେ ସେମାନେ କୌଣସି ଜରୁରୀ କାମରେ ଛୁଟି ନେଲେ ସେମାନଙ୍କ ପ୍ରାପ୍ୟ କାଟି ଦିଆଯାଉଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳିପ୍ରସାଦ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ସଂସ୍ଥାକୁ ପ୍ରମାଣପତ୍ର ଯାଞ୍ଚ ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ କୁହାଯାଇଛି। ସଂସ୍ଥାର ମୁଖ୍ୟଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ।

ପ୍ରକାଶ ଯେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ ୧୩ ଏମ୍‌ଆର୍‌ଏ, ୧୨ ଜଣ ଡାଟା ଏଣ୍ଟ୍ରିଅପରେଟର, ୧୮ ଷ୍ଟାଫ୍‌ନର୍ସ, ୨୫ ଏଲ୍‌ଟି , ଲିଫ୍ଟ ମ୍ୟାନ ୮ ଜଣ, ଆଟେଣ୍ଡାଣ୍ଟ ୮୦ ଜଣ, ସୁଇପର ୪୬, ବିଏମ୍‌ଡବ୍ଲ୍ୟୁ ୧୩ ଗୋଟି ପଦବୀରେ ଏହି କର୍ମଚାରୀମାନେ ନିୟୋଜିତ ହେବେ।

# ୬୭ ରନ୍‌ରେ ସନ୍‌ଶାଇନ୍ ସୁପର କିଙ୍ଗ୍‌ସ ବିଜୟୀ

- ଗୁଣପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ
- ରବି ସାଙ୍ଗରା ମ୍ୟାନ ଅଫ ଦି ମ୍ୟାଚ

**ଗୁଣୁପୁର,୨।୧୧ (ପ୍ରଦୀପ କୁମାର ପାଢ଼ୀ )**

ରାୟଗଡା ଜିଲା ଗୁଣପୁର ମିନି ଷ୍ଟାଡିୟମରେ ଗୁଣପୁର ପ୍ରିମିୟର୍ ଲିଗ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ମମତା ଗୌଡ ଓ ଉପ ଜିଲାପାଳ ଲଳିତ କୁମାର କହଁର ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସନଶାଇନ ସୁପର୍ କିଙ୍ଗ୍ସ ଓ ଜେଜେ ଷ୍ଟାଇଗର୍ସ ମଧ୍ୟରେ ଖେଳା ଯାଇଥିଲା। ସନ୍‌ଶାଇନ ସୁପର କିଙ୍ଗ୍‌ସ ୬୭ ରନ୍‌ରେ ଜେଜେ ଷ୍ଟାଇଗର୍ସ ଦଳକୁ ହରାଇ ବିଜୟୀ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝିଲି ଶବର, ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର, ପୌର ଉପାଧ୍ୟକ୍ଷ ଶିବ ପ୍ରଶାଦ ଗୌଡ, ଆଇଆଇସି ଉତ୍ତମ ସାହୁ, ଭାଜପା ନେତା ୱାଇ. ଗଣପତି, ବିଜେଡି ନେତା ଏସ. ବାବା ପ୍ରଶାଦ, ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ, କାଉନସିଲର ଚେପାଲି ସରସ୍ୱତୀ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। କାଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଜେଜେ ଷ୍ଟାଇଗର୍ସ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଏହି ମ୍ୟାଚରେ ସନସାଇନ ଦଳ ୨୦ ଓଭରରେ ୧୬୪ ରନ ସଂଗ୍ରହ କରି ୪ଟି ୱିକେଟ ହରାଇଥିଲେ। ଏହି ଦଳର ଆରସାଦ କିରଣ ୩୦ ରନ କରିଥିବା ବେଳେ ରବି ସାଙ୍ଗାର ୩୧ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିପରି ଜେଜେ ଷ୍ଟାଇଗର୍ସ ଦଳ ପକ୍ଷରୁ ସାଇଲ ଖାନ ୪ ଓଭରରେ ୪୧ ରନରେ ଦୁଇଟି ୱିକେଟ ନେଇଥିବା ବେଳେ ବିଶ୍ୱ ଲିମା ୩ ଓଭର ୧୦ ରନରେ ଗୋଟିଏ ୱିକେଟ ନେଇଥିଲେ। ଦ୍ୱିତୀୟ ଇଂନିସରେ ଜେଜେ ଷ୍ଟାଇଗର୍ସ ୯୭ ରନରେ ଅଲ ଆଉଟ ହୋଇଯାଇଥିଲେ। ସନ ସାଇନର ରବି କିଶୋର ୩ ଓଭର ୫ଟି ବଲରେ ୨୭ ରନରେ ୩ଟି ୱିକେଟ ନେଇଥିବା ବେଳେ ଶିବ ହରିଜନ ୪ ଓଭରରେ ୧୮ ରନରେ ୨ଟି ୱିକେଟ ନେଇଥିଲେ। ଫଳରେ ୬୭ ରନରେ ସନସାଇନ ବିଜୟ ହାସଲ କରିଥିଲେ। ସାରଦା ପ୍ରସନ୍ନ ମହାପାତ୍ର ଓ ସପନ ଦାସ ଅମ୍ପାୟାର ଦାୟିତ୍ୱ ତୁଲାଇ ଥିଲେ। ସେହିପରି ସୁନିଲ ମହାଙ୍କୁଡ ଓ ହରୀ ଗମାଙ୍ଗ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ନାମେଣ୍ଟର ପରିଚାଳନା ଦାୟିତ୍ୱରେ କିରଣ ପାଣିଗ୍ରାହୀ, ଅଂଶୁମାନ ପଟ୍ଟନାୟକ, ସନ୍ଦିପ ପାଣିଗ୍ରାହୀ, ଚିନ୍ମୟ ରାଇକା, ରାଜ କିଶୋର ଗୌଡ, ଉମା ବାଉରୀ, ସରୋଜ ମିଶ୍ର, ଶଙ୍କର ବାଉରୀ, ବଳିଆ ମହାନ୍ତି, ତେନାଲି ରାଜା, ଏ. ଉପେନ୍ଦ୍ର ପ୍ରମୁଖ ରହିଥିଲେ।


ଉପ ଜିଲାପାଳ ଲଳିତ କୁମାର କହଁର ମ୍ୟାଚକୁ ଉଦ୍‌ଘାଟନ କରୁଛନ୍ତି ।

# ନବରଙ୍ଗପୁର ଜିଲ୍ଲାକୁ ମିଳିଲା ଓସିପିସିଆର୍ ପୁରସ୍କାର

ନବରଙ୍ଗପୁର, ୨।୧୧ (ସଦାଶିବ ପ୍ରହରାଜ)

ବାଲ୍ୟବିବାହ ରୋକିବାରେ ଉଲ୍ଲେଖନୀୟ ସଫଳତା ପାଇଁ ନବରଙ୍ଗପୁର ଜିଲ୍ଲା ପ୍ରଶାସନକୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ତରଫରୁ ସମ୍ମାନଜନକ ଓସିପିସିଆର୍ ପୁରସ୍କାର ପ୍ରଦାନ କରଯାଇଛି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ତ୍ରୟୋଦଶ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ କିଟ୍ କଲେଜ ପଡ଼ିଆଠାରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ନବରଙ୍ଗପୁର ଜିଲ୍ଲା ପ୍ରଶାସନକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ନିର୍ଦ୍ଦେଶରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଜିଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷା ଅଜନ୍ତା ଶୁଭଦର୍ଶିନୀ ଓ ଆକ୍ସନଏଡ଼୍ର ଜିଲା ପରାମର୍ଶଦାତା ଫକିର ଚରଣ ରାଉତ ମିଳିତ ଭାବରେ ଏହି ପୁରସ୍କାରକୁ ଗ୍ରହଣ କରିଛନ୍ତି। ସେହିପରି ଉମରକୋଟ ବ୍ଲକର ତୋହରା ଗ୍ରାମର କିଶୋରୀ ବାଳିକା ନବୀନା ମାଝି ନିଜର ବାଲ୍ୟବିବାହକୁ ରୋକି ଜିଲା ପ୍ରଶାସନ ସହଯୋଗରେ ଦକ୍ଷତା ବିକାଶ ଶିକ୍ଷାରେ ଆତ୍ମନିର୍ଭରଶୀଳ ହୋଇଥିବାରୁ କିଶୋରୀ ଚାମ୍ପିୟନ ଭାବରେ ତାଙ୍କୁ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ମନ୍ତ୍ରୀ ହେମ୍ବ୍ରମ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ ।

ପ୍ରକାଶ ଯେ, କିଶୋର କିଶୋରୀଙ୍କୁ ସଶକ୍ତ କରାଇବା ସହ ୨୦୩୦ ସୁଦ୍ଧା ଓଡ଼ିଶାକୁ ବାଲ୍ୟବିବାହ ମୁକ୍ତ କରାଇବା ନିମନ୍ତେ ରାଜ୍ୟ ସରକାର ଏକ ଯୋଜନାବଦ୍ଧ କାର୍ଯ୍ୟ ଖସଡା ପ୍ରସ୍ତୁତ କରି ଜନସଚେନ କାର୍ଯ୍ୟକ୍ରମ ଜରି ରଖିଛନ୍ତି। ଅନୁରୂପ ଭାବରେ ନବରଙ୍ଗପୁର ଜିଲାରେ ଶିଶୁ ସୁରକ୍ଷା ୟୁନିଟ୍, ଜିଲା ସମାଜ କଲ୍ୟାଣ ବିଭାଗ, ୟୁନିସେଫ ଓ ଆକ୍ସନଏଡ୍ ସଂସ୍ଥାର ମିଳିତ ପ୍ରୟାସରେ ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତି କରାଯାଇ ଗ୍ରାମଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଜିଲାପାଳ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାରେ ପ୍ରତି ୩ ମାସରେ ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ କମିଟିର ମିଳିତ ବୈଠକ କରାଯାଇ ବାଲ୍ୟବିବାହ ରୋକିବା ଓ କିଶୋର କିଶୋରୀମାନଙ୍କୁ ଦକ୍ଷତା ବିକାଶ ଶିକ୍ଷାରେ ଯୋଡ଼ିବାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ଜିଲାରେ ଅନ୍ୱେଷା ଅଭିଯାନ ଜରିଆରେ ଜିଲାର ସମସ୍ତ ଜାତି ସମାଜ , ପଞ୍ଚାୟତରାଜ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ବାଲ୍ୟବିବାହକୁ ରୋକିବା ଦିଗରେ ଗ୍ରାମଗୁଡିକରେ ସଚେତନ କରାଯାଇ ୨୦୨୦ରୁ ଆଜି ପର୍ଯ୍ୟନ୍ତ ଜିଲାରେ ମୋଟ ୯୨୨ ବାଲ୍ୟବିବାହକୁ ରୋକାଯିବା ସହ ୨୬୪ ରାଜସ୍ୱ ଓ ୬୧୭ଟି ପଡା ଗ୍ରାମକୁ ମିଶାଇ ମୋଟ ୮୮୧ଟି ଗ୍ରାମକୁ ବାଲ୍ୟବିବାହମୁକ୍ତ ଗ୍ରାମ ଭାବରେ ଘୋଷଣା କରାଯାଇଛି ।



ନବରଙ୍ଗପୁର ଜିଲା ପ୍ରଶାସନ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

- ବାଲ୍ୟବିବାହ ରୋକିବାରେ ଉଲ୍ଲେଖନୀୟ ସଫଳତା
- ୩ ବର୍ଷରେ ରୋକାଯାଇଛି ୯୨୨ ବାଲ୍ୟବିବାହ
- ୮୮୧ ଗ୍ରାମକୁ ବାଲ୍ୟବିବାହମୁକ୍ତ ଘୋଷଣା

# ଶିଶୁ ସୁରକ୍ଷା ପାଇଁ ସଂଘର୍ଷ କରି ଉମରକୋଟ ଯୁବତୀ ନବୀନା ସମ୍ମାନିତ

ଉମରକୋଟ, ୨।୧୧ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ଉପାନ୍ତ ଅଞ୍ଚଳ ତୋହରା ଗ୍ରାମର କିଶୋରୀ ନବୀନା ମାଝି ଶିଶୁ ସୁରକ୍ଷା ପାଇଁ ସଂଘର୍ଷ କରି ରାଜ୍ୟସ୍ତରରେ ସମ୍ମାନୀତ ହୋଇଛନ୍ତି। ନବୀନା ବାଲ୍ୟ ବିବାହକୁ ବିରୋଧ କରିବା ସହ ବାଲ୍ୟ ବିବାହ କରିବା ଠିକ ନୁହେଁ ବୋଲି ସାଙ୍ଗସାଥି ଓ ଗ୍ରାମବାସୀଙ୍କୁ ବୁଲି ବୁଲି ବୁଝାଉଛନ୍ତି।

ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ନବୀନାଙ୍କ ଜୀବନ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ। ନବୀନାଙ୍କ ବାପା ନ ଥିବାବେଳେ ମା କମଳା ମାଝୀ ଓ ଭାଇ ସହ ସେ ରୁହନ୍ତି। ମା' କମଳା ଦିନ ମଜୁରୀ କରି ବହୁ କଷ୍ଟରେ ପରିବାର ଚଳାଇଥାନ୍ତି। ୨୦୨୧ କୋଭିଡ ସମୟରେ ନାବାଳିକା ନବୀନା ତୋହରା ଗ୍ରାମର ଜଣେ ୨୧ ବର୍ଷୀୟ ପୁଅକୁ ଭଲପାଇ ଉଦୁଲିଆ ଚାଲିଯାଇ ବିବାହ କରିଥିଲେ। ଅଙ୍ଗନୱାଡି ପରିଦର୍ଶିକା ସରିତା ଜେନା ,କର୍ମୀ ରାଜମଣି ଗଣ୍ଡ ଓ ଇଲା ରାଣୀ ହାଲଦାର ଉକ୍ତ ଗ୍ରାମକୁ ଯାଇ ବୁଝାସୁଝା କରି ନାବାଳିକା ନବୀନାଙ୍କୁ ଆଣି ଭାଇ ଓ ମା'ଙ୍କୁ ହସ୍ତାନ୍ତର କରିଥିଲେ। କିଛି ଦିନ ପରେ ନବୀନା ଓର୍ମାସରେ ସିଲେଇ ଟ୍ରେନିଂ ନେଇଥିଲେ । ପରେ ତ୍ରିପୁର ଯାଇ ସେଠାରେ ରୋଜଗାରକ୍ଷମ ହୋଇ ଘରକୁ ଆସିଥିଲେ। ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସିଲେଇ ମେଶିନ ମିଳିବା ପରେ ନବୀନା ନିଜେ ରୋଜଗାର କରି ଆତ୍ମନିର୍ଭରଶୀଳ ହେବା ପାଇଁ ଉଦ୍ୟମ କରିଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ଅଦିକା କାର୍ଯ୍ୟକ୍ରମରେ ପ୍ରତି ଶନିବାରରେ ଯାଇ ସବୁ ବିଷୟରେ ନବୀନା ଜ୍ଞାନ ଆହରଣ କରିଥିଲେ। ପରେ ଉମରକୋଟ ସିଡିପିଓ ସଂଯୁକ୍ତା ବେହେରା ଓ ପରିଦର୍ଶିକା ସରିତା ଜେନା ଓ କର୍ମୀ ରାଜମାନୀ ଗଣ୍ଡଙ୍କ ପ୍ରୋତ୍ସାହନରେ ସେ ବଡଭରାଣ୍ଡିଠାରେ ଥିବା ଭରଣ୍ଡି ବିଜ୍ଞାନ କଲେଜରେ ନାମ ଲେଖାଇଲେ। ନବୀନାଙ୍କ ପାଠପଢା ଓ ସାହସିକତା ପାଇଁ ଜିଲାପାଳ ତାଙ୍କୁ ସମ୍ମାନିତ କରିଛନ୍ତି। ନବୀନା ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ତରଫରୁ ଗତ ୧ ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ଟିପାପାଣି ଅଙ୍ଗନୱାଡି କର୍ମୀ ବିମଳା ହରିଜନଙ୍କ ସହିତ ନବୀନାଙ୍କୁ ଭୁବନେଶ୍ୱର ଯାଇ ସମ୍ମାନିତ ହୋଇ ନିଜ ଗ୍ରାମକୁ ଫେରିଛନ୍ତି। ନବୀନା ଭଲ ପାଠ ପଢି ଉଚ୍ଚ ପଦବୀରେ ଚାକିରୀ କରି ତୋହରା ପଞ୍ଚାୟତ ତଥା ବ୍ଲକର ନାମ ଗୌରବାନ୍ୱିତ କରିବେ ବୋଲି କହିଛନ୍ତି।



ପ୍ରମାଣପତ୍ର ସହ ନବୀନା ମାଝି।

# ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ



ଦୁର୍ନୀତି ରୋକିବା ନେଇ ଆୟୋଜିତ ସଚେତନତା ଶୋଭାଯାତ୍ରା ।

ରାଇଘର, ୨।୧୧ ( କିରଣ ପଟ୍ଟନାୟକ )

ରାଇଘର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରଠାରେ ଗୁରୁବାର ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅଧକ୍ଷ ପରୀକ୍ଷିତ ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ, କିଶୋର କୁମାର ପାଲ, ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ଅଧ୍ୟାପିକା ରେଣୁକା ସାମଲ, ପିଇଟି ପୂର୍ଣ୍ଣଚନ୍ଦ୍ର ମିଶ୍ର ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦେଶର ଦୁର୍ନୀତି ରୋକିବା ଦିଗରେ ଛାତ୍ରୀଛାତ୍ରୀ ତଥା ଯୁବପିଢିଙ୍କ ଭୂମିକା କ'ଣ ହେବା ଦରକାର ସେ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଦୁର୍ନୀତି ରୋକିବା ପାଇଁ ଛାତ୍ରୀଛାତ୍ର ତଥା ସମସ୍ତ କର୍ମଚାରୀ ଦୁର୍ନୀତି ରୋକିବା ନେଇ ଶପଥ ଗ୍ରହଣ କରିଥିଲେ। ସେହିପରି ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ଏବିଡିଓ ବିଜୟ କୁମାର ସେଠୀ, ବିଇଓ ଈଶ୍ୱର ମାଝି, ଦାୟିତ୍ୱରେ ଥିବା ଜିପିଓ ଅଜିତ କୁମାର ନନ୍ଦଙ୍କ ସମେତ ବ୍ଲକର କର୍ମଚାରୀ, ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ ସଚେତନତା ଶୋଭାଯାତ୍ରା କରି ରାଇଘର ମୁଖ୍ୟ ବଜାର ପରିକ୍ରମା କରିଥିଲେ।

# ଅଞ୍ଚଳାରେ ମିଲେଟ ମଦର କାର୍ଯ୍ୟକ୍ରମ

ଡାବୁଗାଁ, ୨।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଅଞ୍ଚଳା ପଞ୍ଚାୟତ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ କ୍ଷୁଦ୍ରଶସ୍ୟ ବାର୍ଷିକ ମହୋତ୍ସବ ୨୦୨୩ଉପଲକ୍ଷେ ଡାବୁଗାଁ ଡେମୋକ୍ରାଟିକ ଆକ୍ସନ ଦ୍ୱାରା ମିଲେଟ ମଦର କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କ୍ଷୁଦ୍ରଶସ୍ୟର ବ୍ୟବହାର ପୋଷକ ତତ୍ତ୍ୱ ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନର ପରିବର୍ତ୍ତନଶୀଳ ପାଣିପାଗକୁ ଦୃଷ୍ଟିରେ ରଖି କ୍ଷୁଦ୍ରଶସ୍ୟ ଚାଷ ଅତ୍ୟନ୍ତ ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ଓଡିଶା ମିଲେଟ ମିଶନ ବ୍ଲକ ସଂଯୋଜକ ନବୀନ ମହୁରିଆ କହିଥିଲେ । ଉପସ୍ଥିତ ସମସ୍ତ ପ୍ରତିଭାଗୀଙ୍କୁ ଦୈନନ୍ଦିନ ଭୋଜନରେ କ୍ଷୁଦ୍ରଶସ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧଙ୍କୁ ଆବଶ୍ୟକ ପୋଷକ ତତ୍ତ୍ୱ ମିଳିପାରିବ ଏବଂ ଚାଷୀଙ୍କୁ ଉପଯୁକ୍ତ ଦର ମିଳିପାରିବ ବୋଲି କହିଥିଲେ । ଏହା ସହ ମାଣ୍ଡିଆରେ ପ୍ରସ୍ତୁତି ଖାଦ୍ୟ ସମସ୍ତେ ସେବନ କରିଥିଲେ । ଅଞ୍ଚଳା ସରପଞ୍ଚ ରମେଶ ମାଝି, ସମିତି ସଭ୍ୟ ଭଗବତୀ ହରିଜନ, ୱାର୍ଡ ମେମ୍ବର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏମ୍‌ବିକେ, ୭ଟି ମହିଳା ସ୍ୱୟଂ ସହାୟକ ଦଳର ସଭ୍ୟା ଯୋଗଦେଇଥିଲେ । ଏଥିରେ ଏଫ୍‌ପିଓର ମୁଖ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ଜୟଲ, ସିଆର୍‌ପି ବସନ୍ତ ପୂଜାରୀ, ମମତା ମାଳୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ବୈଠକକୁ ଅତିରିକ୍ତ ବ୍ଲକ ସଂଯୋଜକ ସସ୍ମିତା ବୋଲବନ୍ତ ରାୟ ଏବଂ ଅଭୟ ନାୟକ ପରିଚାଳନା କରିଥିଲେ ।


ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ସହ ଉପସ୍ଥିତ ଅତିଥି ଓ ଅଙ୍ଗନୱାଡି, ଆଶା କର୍ମୀମାନେ।

# ବାଳିକାଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଦର୍ଶନୀ ହକି ମ୍ୟାଚ୍


ଭାମିନୀଠାରେ ଆୟୋଜିତ ଜିଲାସ୍ତରୀୟ ପ୍ରଦର୍ଶନୀ ହକି ମ୍ୟାଚ୍।

ନବରଙ୍ଗପୁର, ୨।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଉମରକୋଟ ଭାମିନୀଠାରେ ଜିଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅଧୀନରେ ବାଳିକାଙ୍କ ପାଇଁ ଜିଲାସ୍ତରୀୟ ପ୍ରଦର୍ଶନୀ ହକି ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ନବୀନ ନାୟକ, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲା ଶିକ୍ଷା ଅଫିସର କ୍ରୀଡା ଅଧିକାରୀ ଏବଂ ବିଜ୍ଞାନ ସଂଯୋଜକ ପ୍ରଭାତ ପଟ୍ଟନାୟକ, ସୁରେଶ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ କିଶୋର ମାର୍ଥା, ଏଲ୍‌ପିଓ ବବିତା ବେହେରା, ଉମରକୋଟ ସୁପରଭାଇଜର କିଶୋର ସିଲ, ଉମରକୋଟ କ୍ରୀଡ଼ା ଶିକ୍ଷକ ମାଳତୀ ମାଝି, ଭାମିନୀ ସରପଞ୍ଚ ଚମ୍ପାବତୀ ମାଝି, ସମିତି ସଭ୍ୟ ପଦ୍ମିନୀ ବିଧାର, ଭାମିନୀ ଏସ୍‌ଏସ୍‌ଡି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ଭବିଷ୍ୟତରେ ଜାତୀୟସ୍ତରରେ ଭାଗନେବାକୁ ଆହ୍ୱାନ ଦେଇଥିଲେ । ବାଳିକାଙ୍କ ଖେଳରେ ଦକ୍ଷତା ଏବଂ ବିକାଶ କରାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ଭିତରେ ଜିଲା ଶିଶୁ ସୁରକ୍ଷା ବିଭାଗର କିଷାନ ପଟ୍ଟନାୟକ, ଉତ୍କଳ ବାଳାଶ୍ରମର ଅସିତ ଆଚାର୍ଯ୍ୟ ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ବର୍ଜନ କରିବେ ସରପଞ୍ଚ ସଂଘ

ତେନ୍ତୁଳିଖୁଣ୍ଟି, ୨।୧୧ (ଚିଦାନନ୍ଦ ସାହୁ )

ତେନ୍ତୁଳିଖୁଣ୍ଟି ବ୍ଲକ ପ୍ରଶାସନ ତରଫରୁ ଶୁକ୍ରବାର ନୋଡାଲ ବାପୁଜୀ ହାଇସ୍କୁଲ ପଡ଼ିଆଠାରେ ଆମ ଓଡ଼ିଶା ନବୀନ ଓଡିଶାର ଯୋଜନା ଭିଡିଓ କନଫେରନ୍ସ ମାଧ୍ୟମରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ତେନ୍ତୁଳିଖୁଣ୍ଟି ବ୍ଲକ ୧୫ ପଞ୍ଚାୟତର ସରପଞ୍ଚମାନେ ଅଂଶ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କୁ ସରପଞ୍ଚ ସଂଘ ତରଫରୁ ୧୫ ଦଫା ଦାବି ପୂରଣ ପାଇଁ ଜଣାଇଥିଲେ। ତେବେ ଉକ୍ତ ଦାବି ମଧ୍ୟରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଅନୁଦାନ ପଞ୍ଚାୟତକୁ ଦେବା ପାଇଁ ଦାବି କରିଥିଲେ ମଧ୍ୟ ତାହା ପୂରଣ ହୋଇ ନ ଥିବାରୁ ଶୁକ୍ରବାର କାର୍ଯ୍ୟକ୍ରମରେ ତେନ୍ତୁଳିଖୁଣ୍ଟି ବ୍ଲକ ସରପଞ୍ଚ ସଂଘର ନିଷ୍ପତ୍ତି ପ୍ରକାରେ ସେମାନେ ସାମିଲ ହେବେ ନାହିଁ ବୋଲି ବ୍ଲକ ସରପଞ୍ଚ ସଂଘ ସଭାପତି ଝରିଗୁମ୍ମା ସରପଞ୍ଚ ମଦନମୋହନ ଦଳପତି, ସମ୍ପାଦକ ଦିଗି ସରପଞ୍ଚ କିଶୋର ନାୟକ, ଅନାଦି ମାଝି, ଶିବାନନ୍ଦ ପ୍ରଧାନୀ, ସଦା ସାନ୍ତା ପ୍ରମୁଖ କହିଛନ୍ତି।

# ଚର୍ଚ୍ଚାରେ ବିଧାୟକ ରଘୁରାମ ପଡାଲ

କୋରାପୁଟ, ୨।୧୧ (ଅମିତାଭ ବେହେରା)

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ସେତେ ବିବାଦ ଭିତରକୁ ଚାଲିଯାଉଛନ୍ତି । ପୂର୍ବରୁ ବିଧାୟକ ଜାତିଗତ ପ୍ରମାଣ ପତ୍ର ଓ ଶିକ୍ଷାଗତ ଯୋଗ୍ୟତା ନେଇ ବିବାଦ ଉଠିଥିଲା। ଏବେ ପୁଟସିଲ ଇକୋ ରିଟ୍ରିଟ ଉଦ୍‌ଘାଟନ ଅବସରରେ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଇକୋ ରିଟ୍ରିଟ ସୌନ୍ଦର୍ଯ୍ୟରେ ବିଭୋର ହୋଇ କହିଥିଲେ, ଏହାକୁ ଦେଖିଲେ ଛାତି ଭିତରେ ପଦ୍ମ ଫୁଟିଲା ଭଳି ଲାଗୁଛି। ଯାହାକୁ ନେଇ ଏବେ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ବିଧାୟକଙ୍କୁ ଲମତାପୁଟ ବ୍ଲକରେ ବିରୋଧ ସହ ହତ୍ୟା ଧମକ ମିଳିବା ନେଇ ରାଜନୀତି ତେଜିଥିଲା।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ଦଶମନ୍ତପୁର, ୨।୧୧ (ଅରବିନ୍ଦ ନାୟକ)

କାମ କଲା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ହୋଇଛି। ଏନେଇ ଦଶମନ୍ତପୁର ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ହେଲେ ଦଶମନ୍ତପୁର ବ୍ଲକ ପିଣ୍ଡା ପଦର ପଞ୍ଚାୟତ ହରଡାପୁଟ ଗ୍ରାମର ଲବ ପାତ୍ର (୨୦)। ଗୁରୁବାର ଲବ ନିଜ ନବ ନିର୍ମିତ ଗୃହ ଉପରେ ଚଢ଼ି ଛାତ ଢଳେଇ କାର୍ଯ୍ୟ କରୁଥିଲେ। ଏହି ସମୟରେ ଘର ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ସେ ଆସିଥିଲେ। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଗ୍ରାମବାସୀ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରି ଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲବଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଦଶମନ୍ତପୁର ଥାନାରେ ପରିବାର ଲୋକେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ଏକ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ସୁକୁମା ହାଁସଦା ଓ ଏଏସଆଇ ଲକ୍ଷ୍ମୀକାନ୍ତ ପଣ୍ଡାଏହା ତଦନ୍ତ କରୁଛନ୍ତି।

# ମଣ୍ଡେଇ ସ୍ମରଣିକା, କବିତା ପାଠୋତ୍ସବ କମିଟି ବୈଠକ

ନବରଙ୍ଗପୁର, ୨।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାସ୍ତରୀୟ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର ଡିସେମ୍ବର ୩ ରେ ହେବ। ଜିଲାର କଳା ଓ ସାଂସ୍କୃତିକ ଗଣପର୍ବ "ମଣ୍ଡେଇ" ପାଳନ ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ। ଏଥିରେ ବିଶେଷ କରି ମଣ୍ଡେଇ ମହୋତ୍ସବ ପାଳନ ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ଏବଂ ଜିଲାର କବୟିତ୍ରୀ ଓ କବିମାନଙ୍କୁ ନେଇ ଏକ ଜିଲାସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଏଥିରେ କମିଟି ଅଧକ୍ଷ ବିଜୟ ଚୌଧୁରୀ ଅଧକ୍ଷତା କରିଥିଲେ। କମିଟି ଉପଦେଷ୍ଟା ତଥା ଅତିରିକ୍ତ ଜିଲାପାଳ (ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ଓ ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନଙ୍କ ଉପସ୍ଥିତିରେ ଏକ ବୈଠକ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଥିଲା। "ମଣ୍ଡେଇ" ସ୍ମରଣିକା ପାଇଁ ଲେଖକମାନେ ଜିଲାର କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ ଓ ଜିଲାର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଦିବଂଗତ ପ୍ରତିଭାମାନଙ୍କ ସମ୍ବନ୍ଧରେ ଲେଖାଗୁଡିକ ୪ ପୃଷ୍ଠା ମଧ୍ୟରେ ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଲେଖାଗୁଡ଼ିକ ସଂସ୍କୃତି ଅଧିକାରୀଙ୍କ ଇ-ମେଲ dco11@gmail.comରେ ଦେଇପାରିବେ କିମ୍ବା ଜିଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ଦେଇ ପାରିବେ।

ଡ଼ିସେମ୍ବର ୩ ରବିବାର ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। କବି ଓ କବୟିତ୍ରୀମାନେ ସେମାନଙ୍କ ଲିଖିତ ଓ ଜିଲାର କଳା, ସଂସ୍କୃତି ଓ ବିକାଶ ଉପରେ ଆଧାରିତ କବିତା ଆଗାମୀ ୨୫ ନଭେମ୍ବର ସୁଦ୍ଧା ଜିଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଦାଖଲ କରିବେ। ନିର୍ଦ୍ଧାରିତ ସମୟ ପରେ କୌଣସି ଲେଖା ଗ୍ରହଣ କରାଯିବ ନାହିଁ। "ମଣ୍ଡେଇ" ମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହେବ। ଆଲୋଚନାଚକ୍ରର ତାରିଖ ଓ ସ୍ଥାନ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ। ବୈଠକରେ କମିଟି ସଦସ୍ୟ କବି ନାରାୟଣ ପଣ୍ଡା, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଡ. ବିଜୟ କୁମାର ମିଶ୍ର, ଜେମାମଣି ବିଷୋୟୀ, ପୂର୍ବତନ ସହକାରୀ ଜିଲାପାଳ ହେମଲତା ମାଝି, ସହକାରୀ ଜିଲାପାଳ ଆଶୁତୋଷ ପାତ୍ର, ଦୁର୍ଗା ପ୍ରସାଦ ପାଢ଼ୀ, ଅଧ୍ୟାପିକା ସଂଗୀତା ତ୍ରିପାଠୀ, ଧରିତ୍ରୀ ପୂଜାରୀ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ରାଜୀବ ଜାଲ ଓ କିଶୋର ପଟ୍ଟନାୟକ ଉପସ୍ଥିତ ରହି ନିଜ ନିଜ ମତ ଦେଇଥିଲେ। ରାମ ପ୍ରସାଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ କମିଟି ସଦସ୍ୟ ।

# ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତିବାଦ

**ଜୟପୁରରେ ନୁହେଁ ନବରଙ୍ଗପୁରରେ ପ୍ରମାଣପତ୍ର ଯାଞ୍ଚ ଦାବି**

ନବରଙ୍ଗପୁର, ୨।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସିଏସ୍‌ସିଗୁଡିକରେ ନିଯୁକ୍ତି ପାଇଁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଟେକ୍ନୋ ମ୍ୟାନେଜେରିଆଲ ପଦବୀ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ ନିୟୋଜିତ କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟେଣ୍ଡର ହୋଇଥିଲା। ଏହି ଟେଣ୍ଡରକୁ ଏଲ୍ ଏଣ୍ଡ କେ ନାମକ ଏକ ସଂସ୍ଥା ଗତ ୨ ମାସ ହେବ ଟେଣ୍ଡର ପାଇଥିଲା। ପୂର୍ବରୁ ଭାରତ ସିକ୍ୟୁରିଟି ସଂସ୍ଥା ନାମକ ଅନ୍ୟ ଏକ ସଂସ୍ଥା ମାଧ୍ୟମରେ କାମ କରି ଆସୁଥିବା କର୍ମଚାରୀମାନଙ୍କୁ ପୁନଃ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେ ଅନୁଯାୟୀ ପୂର୍ବରୁ କାମ କରୁଥିବା କର୍ମଚାରୀମାନେ ନିୟମିତ ଭାବେ କାମ ଜାରିରଖିଲେ। ତେବେ ଗତ ୨ ମାସ ହେବ ଉକ୍ତ ସଂସ୍ଥା ନିଯୁକ୍ତ କର୍ମଚାରୀମାନଙ୍କ ଚୁକ୍ତି କିମ୍ବା ପ୍ରମାଣପତ୍ର ଯାଞ୍ଚ କରି ନ ଥିବା ବେଳେ ଚଳିତ ମାସ ୧ ରୁ ୩ ତାରିଖ ମଧ୍ୟରେ ଜୟପୁରରେ ଥିବା ଉକ୍ତ ସଂସ୍ଥାର ଶାଖା କାର୍ଯ୍ୟାଳୟରେ ପ୍ରମାଣପତ୍ର ଯାଞ୍ଚ ପାଇଁ ଏହି ସଂସ୍ଥା ସିଡିଏମ୍‌ଓଙ୍କୁ ଚିଠି କରିଛି । ତେବେ ଜୟପୁରକୁ ପ୍ରମାଣପତ୍ର ଯାଞ୍ଚ ପାଇଁ ଯିବାକୁ କର୍ମଚାରୀମାନେ ବିରୋଧ କରିଛନ୍ତି। ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ସହରରେ ଯାଞ୍ଚ କରିବା ପାଇଁ ଗୁରୁବାର ଶତାଧିକ କର୍ମଚାରୀ ଦାବି କରିଛନ୍ତି। ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ସିଡିଏମ୍‌ଓଙ୍କ ନିକଟରେ ନିଜର ଦାବି ଜଣାଇଛନ୍ତି।

କର୍ମଚାରୀମାନେ ଅଭିଯୋଗ କରିଛନ୍ତି, ଜିଲାର ଚନ୍ଦାହାଣ୍ଡି , ରାଇଘର, ଝରିଗାଁ, ଉମରକୋଟ ଭଳି ଉପାନ୍ତ ଅଞ୍ଚଳରୁ ସେମାନେ ଆସି ବିଭିନ୍ନ ସ୍ଥାନରେ କାମ କରୁଛନ୍ତି। ସେମାନେ ଦୀର୍ଘ ବର୍ଷ ହେବ ଏପରି ବିଭିନ୍ନ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ କାମ କରି ଆସୁଥିବା ବେଳେ କୌଣସି ହେଲେ ସଂସ୍ଥା ଜୟପୁର କିମ୍ବା ଦୂର ଜାଗାକୁ ପ୍ରମାଣପତ୍ର ଯାଞ୍ଚ ହେଉ କିମ୍ବା ଚୁକ୍ତି ପାଇଁ ନ ଡାକି ନବରଙ୍ଗପୁରରେ କରୁଥିଲେ । ଏବେ ଏହି ସଂସ୍ଥା ଜୟପୁରକୁ ଡାକିବାର ଅର୍ଥ କ'ଣ ବୋଲି କହିବା ସହ ଜୟପୁରକୁ ଗଲେ ଅଧିକ ଖର୍ଚ୍ଚାନ୍ତ ହେବା ସହ ଯିବା ଓ ଆସିବାରେ ସମୟ ଲାଗିବ ବୋଲି କହିଛନ୍ତି। ବିଭିନ୍ନ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ କିପରି ଭାବେ ଶୋଷଣର ଶିକାର ହେବାକୁ ପଡୁଛି ସେ ନେଇ କିଛି କର୍ମଚାରୀ ମୁହଁ ଖୋଲିଛନ୍ତି। ସେମାନେ କହିବା ଅନୁଯାୟୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେତିକି ଦରମା ଦେବା ପାଇଁ ଚୁକ୍ତି ରହିଛି ସେ ଅନୁଯାୟୀ ପ୍ରାପ୍ୟ ମିଳୁନାହିଁ। ପ୍ରତି ମାସରେ ନିୟମିତ ଭାବେ ଦରମା ମିଳୁ ନ ଥିବା ବେଳେ ଯେଉଁ ଦରମା ମିଳୁଛି କାଟଛାଣ୍ଟ କରି ଦିଆଯାଉଛି। ମାସିକ ୪ ଦିନ ଛୁଟିର ନିୟମ ରହିଥିବା ବେଳେ ସେମାନେ କୌଣସି ଜରୁରୀ କାମରେ ଛୁଟି ନେଲେ ସେମାନଙ୍କ ପ୍ରାପ୍ୟ କାଟି ଦିଆଯାଉଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳିପ୍ରସାଦ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ସଂସ୍ଥାକୁ ପ୍ରମାଣପତ୍ର ଯାଞ୍ଚ ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ କୁହାଯାଇଛି। ସଂସ୍ଥାର ମୁଖ୍ୟଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ।

ପ୍ରକାଶ ଯେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ ୧୩ ଏମ୍‌ଆର୍‌ଏ, ୧୨ ଜଣ ଡାଟା ଏଣ୍ଟ୍ରି ଅପରେଟର, ୧୮ ଷ୍ଟାଫ୍‌ନର୍ସ, ୨୫ ଏଲ୍‌ଟି , ଲିଫ୍ଟ ମ୍ୟାନ ୮ ଜଣ, ଆଟେଣ୍ଡାଣ୍ଟ ୮୦ ଜଣ, ସୁଇପର ୪୬, ବିଏମ୍‌ଡବ୍ଲ୍ୟୁ ୧୩ ଗୋଟି ପଦବୀରେ ଏହି କର୍ମଚାରୀମାନେ ନିୟୋଜିତ ହେବେ।


ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଉଟସୋର୍ସିଂ କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି ।

## ସଂକ୍ଷେପରେ

### ଏକମ୍ବାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ

ଜୟପୁର,୨।୧୧ (ପବନ ପାଣିଗ୍ରାହୀ)

ଏକମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଜୟପୁର ଦୁର୍ନୀତି ନିବାରଣ ଅଦାଲତର ସରକାରୀ ବରିଷ୍ଠ ସ୍ୱତନ୍ତ୍ର ଆଇନଜୀବୀ ଶଶୀଧର ପଟ୍ଟନାୟକ ଛାତ୍ରୀଛାତ୍ରମାନଙ୍କୁ ଦୁର୍ନୀତି ସମ୍ପର୍କରେ ସଚେତନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଡ. ଜ୍ୟୋତ୍ସ୍ନା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦୁର୍ନୀତି ନିବାରଣ ନେଇ ଶପଥ ପାଠ କରିଥିଲେ। କ୍ରୀଡା ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଜୟଶ୍ରୀ ସାହୁ, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ପ୍ରିୟା ସାମନ୍ତରାୟ, ବୃନ୍ଦାବତୀ ଖରା, ମନୋଜ ମିଶ୍ର, ବାଳଗୋପାଳ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷକ ବି. ନଳୀନ କୁମାର ଧନ୍ୟବାଦ ଦେଇଥିଲେ।

### ନନ୍ଦପୁରରେ ସତ୍ୟସାଇଙ୍କ ପାଦୁକା ଯାତ୍ରା

ନନ୍ଦପୁର, ୨।୧୧ (ଶଙ୍କର ପୂଜାରୀ)ନ୍

ସତ୍ୟସାଇ ସେବା ସଂଗଠନ ଓଡ଼ିଶା ଶାଖା ଓ ନନ୍ଦପୁର ଅଞ୍ଚଳର ସାଇଭକ୍ତଙ୍କ ମିଳିତ ସହଯୋଗରେ ଗୁରୁବାର ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା ଅନୁଷ୍ଠିତ ହୋଇଛି। ପୁଟ୍ଟପର୍ତ୍ତିରୁ ଆସିଥିବା ଦିବ୍ୟ ପାଦୁକାଧାରୀ ରଥକୁ ଥୁବା ପଞ୍ଚାୟତର ସାତସମିଳି ଗ୍ରାମ ନିକଟରେ ଶତାଧିକ ମହିଳା ପୁରୁଷ ଓ ଗ୍ରାମବାସୀ ସ୍ୱାଗତ କରିଥିଲେ। ସେହିଭଳି ସ୍ୱାଗତ ହିକିମପୁଟ ଓ ନନ୍ଦପୁର ଡାକବଙ୍ଗଳା ନିକଟରେ ଶତାଧିକ ମହିଳାଙ୍କ କଳସ ଯାତ୍ରା ସହର ପରିକ୍ରମା କରିଥିଲା। ଦିବ୍ୟ ପାଦୁକା ଦର୍ଶନ କରିବାକୁ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଶ୍ରଦ୍ଧାଳୁଙ୍କ ବେଶ୍ ସମାଗମ ହୋଇଥିଲା। ସନ୍ଧ୍ୟାରେ ସାଇ ଆରାଧନା କାର୍ଯ୍ୟକ୍ରମ ହୋଇଥିଲା। ଶୁକ୍ରବାର ଏହି ଦିବ୍ୟ ରଥ ବନମାଳୀ ପୁଟ ଅଞ୍ଚଳ ପରିକ୍ରମା କରିବ। ଅଞ୍ଚଳର ସାଇ ଶ୍ରଦ୍ଧାଳୁ ସତ୍ୟ ନାରାୟଣ, ବି.ମୀନା ରାଓ, ଟି.ଗଣେଶ ଚୌଧୁରୀ, ଏନ. ଲୋକନାଥ ଦାସ, ଏନ.ଡମ୍ବୁରୁ ଚୌଧୁରୀ, କିଶୋର ପଣ୍ଡାଙ୍କ ସମେତ ଅନ୍ୟମାନେ ପାଦୁକା ଯାତ୍ରାରେ ସାମିଲ ଥିଲେ।

### ଠିକାଦାର ହତ୍ୟା ମାମଲା: ୩ ଜଣଙ୍କୁ ଆଜୀବନ କାରାଦଣ୍ଡ, ୨ ନିର୍ଦ୍ଦୋଷ

କୋଦଳା,୨।୧୧(ଅମିତ କୁମାର ପଟ୍ଟନାୟକ)

ଜଣେ ଠିକାଦାରଙ୍କୁ ହତ୍ୟା କରିବା ମାମଲାରେ କୋଦଳା ଅତିରିକ୍ତ ଜିଲା ବିଚାରପତି ଚିନ୍ମୟ ଗୋଛାୟତ ୩ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଏକବର୍ଷ ଅଧିକା ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଏସ୍ ନୂଆଗାଁର ପ୍ରଦୀପ କୁମାର ସ୍ୱାଇଁ, ମୁନା ସ୍ୱାଇଁ ଏବଂ ଲମ୍ବୋଦର ସ୍ୱାଇଁ। ଅନ୍ୟପଟେ ପ୍ରମାଣ ଅଭାବରୁ ଏହି ମାମଲାରେ ଉକ୍ତ ଗ୍ରାମର ରବୀନ୍ଦ୍ର ସ୍ୱାଇଁ ଏବଂ ସନ୍ତୋଷ ସ୍ୱାଇଁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସୂଚନା ଅନୁସାରେ, ଗତ ୧୬ ମାର୍ଚ୍ଚ ୨୦୧୮ରେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଏସ୍ ନୂଆଗାଁ ଗ୍ରାମର ହନୁମାନ ମନ୍ଦିର ନିର୍ମାଣକୁ ନେଇ ଗ୍ରାମର ପୀତବାସ ମଲିକ ଏବଂ ଅଭିଯୁକ୍ତମାନଙ୍କ ସହ ବିବାଦ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ପୀତବାସଙ୍କ ଫାର୍ମହାଉସ ନିକଟରେ ବିଭିନ୍ନ ମରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଏ ନେଇ ପୀତବାସଙ୍କ ସ୍ତ୍ରୀ ଝୁନୁ ମଲିକ କବିସୂର୍ଯ୍ୟନଗର ଥାନାରେ ପାଞ୍ଚ ଜଣଙ୍କ ନାମରେ ଏତଲା ଦେଇଥିଲେ। ଏନେଇ କୋଦଳା ଅତିରିକ୍ତ ଜିଲା ବିଚାରପତି କୋର୍ଟ କେସ୍ ନଂ. ଏସ୍‌ଟି ୧୨୦/୨୦ରେ ବିଚାର କରି ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି।

# ସାଙ୍ଗ ସାଜିଲା ବିଶ୍ୱାସଘାତକ

ପଟ୍ଟାଙ୍ଗି,୨।୧୧(ଶରତ ଧଳ)

ମରଣ କେତେବେଳେ କେଉଁ ସମୟରେ ଓ କେଉଁ ରୂପରେ ଆସେ ଜାଣିବା କଷ୍ଟକର। ଏପରି ଏକ ଦୁଃଖଦ ଘଟଣା ଘଟିଛି ରାଉରକେଲା ଟିମ୍ବର କଲୋନିର ରହୁଥିବା ଗୌମ ଘଡେଇଙ୍କ ପରିବାର କ୍ଷେତ୍ରରେ । ଗୌତମଙ୍କ ପୁଅ ସୋମନାଥ ଘଡେଇଙ୍କ ନିକଟରେ କେତେ ଜଣ ସାଙ୍ଗଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଏହାକୁ ସୋମନାଥ ଭୁଲି ଯାଇଥିଲେ ମଧ୍ୟ ସୋମନାଥଙ୍କ ସାଙ୍ଗମାନେ ଭୁଲି ନ ଥିଲେ। ସୋମନାଥଙ୍କୁ କିପରି ବାଟରୁ ହଟାଇବେ ସେ ନେଇ ସେମାନେ ଯୋଜନା କରିଥିଲେ। ଗତ ୨୫ରେ ନିଜ ଜନ୍ମଦିନ ଅବସରରେ ସମସ୍ତେ ବନ୍ଧୁମିଳନ କାର୍ଯ୍ୟକ୍ରମ କରି ସମସ୍ତେ ଖୁସି ମନାଇ ଥିଲେ। ୨୬ ତାରିଖ ସନ୍ଧ୍ୟାରେ ସୋମନାଥଙ୍କୁ ଘରୁ ଡାକି ରାଉରକେଲାନୀର ବିସ୍ରା ଛକରୁ ଏକ କାର (ଓଡି୧୪ଟି-୦୬୬୬)ରେ ତାଙ୍କୁ ଦେଓମାଳି ନେଇଯାଇଥିଲେ। ସୋମନାଥ ୨୬ ତାରିଖ ବିଳମ୍ବିତ ରାତିଯାଏ ଘରକୁ ନ ଫେରିବାକୁ ପରିବାର ଲୋକେ ବ୍ୟସ୍ତ ହୋଇପଡ଼ିଥିଲେ। ୨୮ ତାରିଖରେ ତାଙ୍କ ବାପା ରାଉରକେଲା ପ୍ଲାଣ୍ଟ ସାଇଟ ଥାନାରେ ପୁଅ ନିଖୋଜ ସମ୍ପର୍କରେ ଏତଲା ଦେଇଥିଲେ। ଏହି ସମୟ ମଧ୍ୟରେ ୨୭ ତାରିଖ ବିଳମ୍ବିତ ସନ୍ଧ୍ୟାରେ କୋରାପୁଟ ଜିଲା ପଟ୍ଟାଙ୍ଗି ପୋଲିସ ସାକିଡି ଛକରୁ ଏକ ଅଚିହ୍ନା ମୃତଦେହ ଜବତ କରିଥିଲା। ପୋଲିସ ତାଙ୍କ ହାତରେ ସୋମନାଥ ଏବଂ ଏସକେ ଘଡ଼େଇ ଲେଖାଥିବା ଦେଖିବାକୁ ପାଇଥିଲା । ଏହି ସୂଚନା ଆଧାରରେ ପଟ୍ଟାଙ୍ଗି ଥାନାଧିକାରୀ ଚତୁର୍ଭୁଜ ନାୟକ ସବୁ ଥାନାକୁ ଖବର ଦେଇଥିଲେ। ଅନ୍ୟପକ୍ଷରେ ସୋମନାଥଙ୍କ ସାଙ୍ଗମାନଙ୍କ ମଧ୍ୟରୁ ଜଣେ ୩୦ ତାରିଖରେ ରାଉରକେଲା ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ଏନେଇ ପଟ୍ଟାଙ୍ଗି ଥାନାଧିକାରୀ ନାୟକଙ୍କୁ ପଚରିବାରୁ ଘଟଣା ସମ୍ପର୍କରେ ପୂର୍ବରୁ ୨୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା କହିଥିଲେ।

# ବାଲ୍ୟବିବାହମୁକ୍ତ ଗ୍ରାମ ନେଇ ସଚେତନତା

କୋଟପାଡ,୨।୧୧ (କେ, ରାଜଶେଖର ରାଓ)



ବାଲ୍ୟବିବାହମୁକ୍ତ ଗ୍ରାମ ପାଇଁ କର୍ମଚାରୀମାନେ ଶପଥପାଠ କରୁଛନ୍ତି।

କୋରାପୁଟ ଜିଲ୍ଲା କୋଟପାଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହରେ ଗୁରୁବାର ବାଲ୍ୟବିବାହମୁକ୍ତ ଗ୍ରାମକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମମାଞ୍ଚଳର କିଶୋରୀ କିଶୋରଙ୍କୁ କିପରି ବାଲ୍ୟବିବାହଠାରୁ ଦୂରେଇ ରଖାଯିବ ସେନେଇ ଉପସ୍ଥିତ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଲଳିତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା କମଳା ଭତରା, ସିଡିପିଓ ସ୍ମୃତିଦେବୀ ତ୍ରିପାଠୀ, ଶୋଭାର ପ୍ରକଳ୍ପ କୋର୍ଡିନେଟର ବିଜୟ ପଟ୍ଟନାୟକ, ମଣ୍ଟୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କୋଟପାଡ଼ ଥାନା ଶିଶୁ ଭିବାଗ କର୍ମଚାରୀ ଆଇନଜୀବୀ ଅଜିତ ପଟ୍ଟନାୟକ ବାଲ୍ୟବିବାହ ରୋକିବା ନେଇ ସଚେତନ କରାଇଥିଲେ। କୋଟପାଡ଼ ବ୍ଲକର ୮ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟା ସଭ୍ୟ, ଜନ ପ୍ରତିନିଧି ଏବଂ ଅଙ୍ଗନୱାଡି କେନ୍ଦ୍ର କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ରହି କୋଟପାଡ଼ ଅଞ୍ଚଳକୁ ବାଲ୍ୟବିବାହମୁକ୍ତ କରିବାକୁ ଶପଥ ନେଇଥିଲେ ।

# ୩ ଲକ୍ଷ ୭୦ହଜାର ପାଇଁ ୭ ବର୍ଷ ଦରମା ବନ୍ଦ

କୁନ୍ଦୁରା,୨।୧୧ (ସନ୍ତୋଷ ପ୍ରହରାଜ)

ଦିନେ କି ଦୁଇ ଦିନ ନୁହେଁ ୭ବର୍ଷ ହେଲା ଜଣେ ଶିକ୍ଷକଙ୍କ ଦରମା ବନ୍ଦ ହୋଇଛି। ୩ଲକ୍ଷ ୭୦ହଜାର ଟଙ୍କା ପାଇଁ ୭ ବର୍ଷ ହେଲା ଶିକ୍ଷକଙ୍କ ଦରମା ବନ୍ଦ ରହିଥିବା ଜଣାପଡିଛି। ଏମିତି ଏକ ଘଟଣା ଘଟିଛି କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତର ଆମ୍ବଗୁଡାରେ। ଖବରରୁ ଜଣାପଡିଛି ଏହି ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ସମୟ ସୀମା ମଧ୍ୟରେ ନ ସରିବାରୁ ତାଙ୍କ ଦରମା ବନ୍ଦ କରାଯାଇଛି। ୨୦୧୫-୨୦୧୬ରେ ଶ୍ରେଣୀ ଗୃହ ନିମନ୍ତେ ୩ଲକ୍ଷ ୭୦ହଜାର ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ଶ୍ରେଣୀଗୃହ ନିର୍ମାଣ ସମୟ ସୀମା ମଧ୍ୟରେ ଶେଷ ହୋଇ ନ ଥିଲା। ଏହାକୁ ନେଇ ୨୦୧୭ରୁ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ପ୍ରଦୀପ ଜାଲିଙ୍କ ଦରମା ବନ୍ଦ ରହିଛି। ଏନେଇ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲା ଗୋଷ୍ଠୀ ଶିକ୍ଷା ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ନିୟମ ଅନୁସାରେ ଯେଉଁ ଶିକ୍ଷକଙ୍କ ନାମରେ ଶ୍ରେଣୀ ଗୃହ କିମ୍ବା ବିଦ୍ୟାଳୟ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଥିବ ଏହା ସମୟ ସୀମା ମଧ୍ୟରେ ଶେଷ ହୋଇ ନଥିଲେ ତାଙ୍କ ଦରମା ବନ୍ଦ କରାଯାଇପାରିବ। ଏହି ଶିକ୍ଷକ ଜଣକ ଜଣେ ନିୟମିତ ମାନ୍ୟତାପ୍ରାପ୍ତ ଶିକ୍ଷକ। ତାଙ୍କର ଏତେ ଦିନର ଦରମା କେଉଁ ପରିସ୍ଥିତିରେ ବନ୍ଦ କରାଯାଇଛି ତାହାକୁ କେହି ତର୍ଜମା କରୁନାହାନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ସସ୍ମିତା ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ମୁଁ ଏ ବିଷୟରେ କିଛି ଜାଣିନାହିଁ। ଏନେଇ ଜିଲା ଶିକ୍ଷା ଅଧିକାରୀ କହିପାରିବେ।




ନିର୍ମାଣ ହୋଇଥିବା ବିଦ୍ୟାଳୟ ଶ୍ରେଣୀଗୃହ ।

# ଆଦିବାସୀ ସଂଗ୍ରହାଳୟର ପୁନଃରୁଦ୍ଧାର ଉପରେ ଜିଲାପାଳଙ୍କ ଗୁରୁତ୍ୱ

କୋରାପୁଟ,୨।୧୧(ଅମିତାଭ ବେହେରା)

**ହାଲ୍ ପାରିପାର୍ଶ୍ୱିକ ପାଣ୍ଠି ବିନିଯୋଗ**

କୋରାପୁଟ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ହାଲ୍ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ବିନିଯୋଗରେ କୋରାପୁଟ ଆଦିବାସୀ ସଂଗ୍ରହାଳୟର ପୁନରୁଦ୍ଧାର ହେବ। ଏନେଇ ଜିଲାପାଳ ଏମ୍. ଅବଦଲ ଆକ୍ତର ସୂଚନା ଦେଇଛନ୍ତି। କୋରାପୁଟ ଡଙ୍ଗର ସଂସ୍କୃତିର ସୁରକ୍ଷା ଦିଗରେ ଆଦିବାସୀ ସଂଗ୍ରହାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ ଅନେକ ଆଦିବାସୀ ଅଞ୍ଚଳ ଏ ପର୍ଯ୍ୟନ୍ତ ଲୋକଦୃଷ୍ଟିର ଅନ୍ତରାଳେ ରହିଥିବାରୁ ଏହା ଏପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଥିବା ସଂଗ୍ରହାଳୟ ନିର୍ଦ୍ଦେଶକ ଜଗବନ୍ଧୁ ସାମଲ କହିଛନ୍ତି। କୋରାପୁଟ ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ଆଦିବାସୀ ଜନଜାତି ସମ୍ପର୍କରେ ସମ୍ୟକ ଧାରଣା ଦେଉଥିବା ଏହି ସଂଗ୍ରହାଳୟ ପରିଚାଳନାରେ ସମସ୍ତଙ୍କ ଦାୟିତ୍ୱ ରହିଛି। ମାଲକାନଗିରି ଜିଲାର ବଣ୍ଡା ଓ କୋୟାଠାରୁ ଆରମ୍ଭ କରି ନବରଙ୍ଗପୁରର ଗୋଣ୍ଡ, କୋରାପୁଟ ଜିଲାର ପରଜା, କନ୍ଧ, ଭତରା, ଦୁରୁଆ, ଗାଦବା ଏବଂ ରାୟଗଡା ଜିଲାର ସଉରା ଜନଜାତିର ଜୀବନଧାରା, ସେମାନଙ୍କ ଚଳଣି, ନାଚଗୀତ ଆଦି ବିଭବ ସମ୍ପର୍କରେ ସଂଗ୍ରହାଳୟ ତଥ୍ୟ ପ୍ରଦାନ କରି ଥାଏ ବୋଲି ନିର୍ଦ୍ଦେଶକ ସାମଲ କହିଛନ୍ତି। ତେବେ ଦିନକୁ ଦିନ ବିସ୍ମୃତ ହେଉଥିବା ଆଦିବାସୀ ସଂସ୍କୃତିର ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଗ୍ୟାଲେରିର ଆବଶ୍ୟକତା ରହିଥିବା ସେ ପ୍ରକାଶ କରିଛନ୍ତି।

### ୯ ମାସ ଭତ୍ତା ପାଇବାରୁ ବଞ୍ଚିତ ରଶ୍ମିତା

ପୋଲସରା,୧।୧୧(ସୁବ୍ରତ ବେହେରା)

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୱାର୍ଡ ନମ୍ବର ୫ ବାଲିଘାଇର ସ୍ୱର୍ଗତ କେଦାର ସ୍ୱାଇଁଙ୍କ ସ୍ତ୍ରୀ ରଶ୍ମିତା ସ୍ୱାଇଁ ଦୀର୍ଘ ୯ ମାସ ହେବ ସରକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ନେଇ ପୋଲସରା ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଦୀର୍ଘ ୯ ମାସ ହେବ ବ୍ୟାଙ୍କ୍ ଓ ଅଫିସ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ବୋଲି କହିଛନ୍ତି ରଶ୍ମିତା। ଉକ୍ତ ବିଷୟକୁ ନେଇ ତଦନ୍ତ କରି କହିବି ବୋଲି ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ରଷି ମାଝୀ କହିଛନ୍ତି।

### ରାସ୍ତା ନିର୍ମାଣ ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର ୨।୧୧ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଗଡ ପଦର ପଞ୍ଚାୟତର ଟିଙ୍ଗସିଲ ଗ୍ରାମବାସୀ ଆଜି ପ୍ରସାସନର ଦ୍ୱାରସ୍ଥ ହୋଇଛନ୍ତି । ରାସ୍ତାରେ ବଡ ବଡ ଗଡ ହୋଇଛି । ୩ଟି ଗ୍ରାମରେ ପ୍ରାୟ ୧୨ ଶହ ଲୋକ ବସବାସ କରୁଛନ୍ତି । ଗ୍ରାମ ରାସ୍ତା ସୋଚନିୟ ହୋଇ ପଡିରହିଛି । ଏହି ମାଟି ରାସ୍ତା ଖରାପ ହୋଇଥିବା ଯୋଗୁଁ ପଞ୍ଚାୟତ ଓ ବ୍ଲକ କୁ ଯିବା ଆସିବା ବହୁତ ଅସୁବିଧା ହେଉଛି । ରାସ୍ତା ଖଲ ଖାମା ଥିବାରୁ ଗାଡି ମଟର ଯାତାୟତ ବେଳେ ଅନେତ ଛୋଟ ବଡ ଦୁର୍ଘଟଣା ଘଟୁଛି । ଗ୍ରାମରେ କାହାର ଦେହ ଅସୁସ୍ଥ ହେଲେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଗ୍ରାମବାସୀଙ୍କ ପାଇ ଆବାସ ଯୋଜବା ମଞ୍ଜୁର ହୋଇଛି । କିନ୍ତୁ ଘର ନିର୍ମାଣ ପାଇ ରାସ୍ତା ଖରାପ ଯୋଗୁଁ ସରଞ୍ଜାମ ଗ୍ରାମ କୁ ଯାଇପାରୁ ନାହିଁ । ଫଳରେ ଆବସ ଯୋଜନାରେ ଗର ନିର୍ମାଣ ହୋ ପାରୁ ନାହିଁ । ଏନେଇ ତୁରନ୍ତ ପ୍ରଶାସନ ରାସ୍ତା ନିର୍ମାଣ ପାଇ ଗ୍ରାମବାସୀ କମଲୁ ପରଜା, ନରସିଂହ ପରଜା, ଜିରୁ ମୁଦୁଲି ପ୍ରମୁଖ ଦାବି କରିଛନ୍ତି ।

### ୧୩ ନିଶାସକ୍ତ ଚାଳକ ଗିରଫ

ଛତ୍ରପୁର,(ଦିଲ୍ଲୀପ ସାମଲ)୨।୧୧:

ମଦ୍ୟପାନ କରି ଗାଡି ଚଲାଉଥିବା ଅଭିଯୋଗରେ ଗଞ୍ଜାମ ପୋଲିସ ୧୩ ଜଣଙ୍କୁ ଗିରଫ କରିଛି। ବିଭିନ୍ନ ସମୟରେ ଏହି ଚଢାଉ ଜାରି ରଖାଯାଇଥିବା ବେଳେ ମଙ୍ଗଳବାର ରାତିରେ ଗଞ୍ଜାମ ଏସପି ଜଗମୋହନ ମିନାଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ପୋଲିସ ଜିଲାର ଜଗନ୍ନାଥପ୍ରସାଦ, ସୋରଡ଼ା, ଧରାକୋଟ, ରମ୍ଭା, ଚମାଖଣ୍ଡି, ପୋଲସରା, ଭଞ୍ଜନଗର, କବିସୂର୍ଯ୍ୟନଗର ଓ ଆସିକା ଥାନା ଅଞ୍ଚଳରେ ୧୩ ନିଶାସକ୍ତ ଗାଡି ଚାଳକଙ୍କୁ ଧରାଯାଇଥିବା ଗଞ୍ଜାମ ପୋଲିସ ମୁଖ୍ୟାଳୟରୁ ସୂଚନା ମିଳିଛି ।

### ବିନା ଶୁଳ୍କରେ ପେନ୍‌ସନ ଉପଭୋକ୍ତାଙ୍କ ପ୍ରମାଣପତ୍ର ଦାଖଲ

ବାଲିଗୁଡା,୨।୧୧(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପ କୋଷାଗାର କାର୍ଯ୍ୟାଳୟଠାରେ ବିନା ଶୁଳ୍କରେ ପେନ୍‌ସନ ଉପଭୋକ୍ତାଙ୍କ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପାଇଁ ମୋ ସେବା କେନ୍ଦ୍ରରେ ସହାୟତା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅବସରରେ ଉପ କୋଷାଗାର ଅଧିକାରୀ ସୁଧାକର କହଁର, ତପନ ଦିଗାଳ, ପ୍ରଦୀପ ବେହେରା, ମିନତୀ କୁମାରୀ ମିଶ୍ର, ଶରତ ପୂଜାରୀ ଉପସ୍ଥିତ ଥିଲେ।

# ଜୁନିୟର କରାଟେ ପ୍ରତିଯୋଗିତାରେ ପୁନିତ୍‌ଙ୍କୁ ଡବଲ ଗୋଲ୍ଡ



ପୁନିତ୍‌ଙ୍କୁ ବିଦ୍ୟାଳୟରେ ସମ୍ମାନିତ କରାଯାଉଛି।

ଦାମନଯୋଡି,୨।୧୧(ନରସିଂହ ବ୍ରହ୍ମା)

ରାଜ୍ୟ ସବ ଜୁନିୟର କରାଟେ ଚାମ୍ପିୟନଶିପ୍ ଗତ ୨୮ ଓ ୨୯ରେ ଉତ୍କଳ କରାଟେ ସ୍କୁଲରେ ହୋଇଥିଲା। ଦାମନଯୋଡି ଦିଲ୍ଲୀ ପବ୍ଲିକ ସ୍କୁଲ୍‌ର ନବମ ଶ୍ରେଣୀ ଛାତ୍ର ପୁନିତ ମହାନ୍ତଙ୍କୁ ଏହି ପ୍ରତିଯୋଗିତାର କଟା ବିଭାଗରେ ସ୍ୱର୍ଣ୍ଣ ଏବଂ ଅନ୍ୟ ୧୩ ବର୍ଷର କମ ବର୍ଗ ଫାଇଟରେ ସ୍ୱର୍ଣ୍ଣ ପଦକ ମିଳିଛି। ଏଥିପାଇଁ ଦିଲ୍ଲୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଦିପାନ୍ୱିତ ଦାସଙ୍କ ସହ ଜାତୀୟ ରେଫରି ଓ କୋଚ ମହେଶ ବରାଳ ତାଙ୍କୁ ସମ୍ମାନିତ କରିଛନ୍ତି। ଦିଲ୍ଲୀ ତାଲକତୁ ଷ୍ଟଡିୟମରେ ହେବାକୁ ଥିବା ଆସନ୍ତା ଜାତୀୟ କରାଟେରେ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ୧୩ କିଲୋ ବର୍ଗରେ ପୁନିତ ଅଂଶ ଗ୍ରହଣ କରିବେ ବୋଲି କୋଚ୍ ବରାଳ କହିଛନ୍ତି।

# ୩ ମାସରେ ସରିବ ପଙ୍କୋଦ୍ଧାର କାର୍ଯ୍ୟ

ଜୟପୁର, ୨।୧୧ (ପବନ ପାଣିଗ୍ରାହୀ)

**ଜଗନ୍ନାଥ ସାଗର ବିକାଶ କାର୍ଯ୍ୟ ସମୀକ୍ଷା**

ଜୟପୁର ଜଗନଥ ସାଗରର ବିକାଶ କାର୍ଯ୍ୟକୁ ଜିଲାପାଳ ଗୁରୁବାର ସମୀକ୍ଷା କରିଛନ୍ତି। । ଗୃହ ଓ ନଗର ଉନ୍ନୟନ ବିଭାଗର ଜଳାଶୟ ପୁନଃରୁଦ୍ଧାର ଉପଦେଷ୍ଟା ଟିମ୍ ଏହାର ସମୀକ୍ଷା କରିଛନ୍ତି । ଟିମ୍ ଉପଦେଷ୍ଟା ଦେବ ସୁନ୍ଦର ମହାପାତ୍ରଙ୍କ ସହ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ୩ ମାସ ମଧ୍ୟରେ ପଙ୍କ ଉଦ୍ଧାର କାର୍ଯ୍ୟ ସରିବ ବୋଲତି ବାହିନୀପତି କହିଛନ୍ତି । ସମୀକ୍ଷା ସମୟରେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, କାର୍ଯ୍ୟନିର୍ବାହି ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ,କନିଷ୍ଠ ଯନ୍ତ୍ରୀ ଅଜୟ ଜାନି ଉପସ୍ଥିତ ଥିଲେ। ଖୁବ ଶୀଘ୍ର ସାଗରର ପଙ୍କ ଉଦ୍ଧାର କାର୍ଯ୍ୟ ସରିବ । ଆଗରୁ ଯେପରି ସାଗରରେ ସ୍ୱଚ୍ଛ ପାଣି ରହିଥିଲା ସେପରି ରହିବ । ଲକ୍ଷ୍ମୀ ପଣ୍ଡା ଛକଷଠାରୁ ଗ୍ଲୋକାଲ ହସପିଟାଲ ଯାଏ ୪ ଲାଇନ ରାସ୍ତା ହେବ। ସଗାର ଭିତରେ ପକ୍ଷୀ ରହିବା ପାଇଁ ଗଛ ଲଗାଯିବ ବୋଲି ବାହିନୀପତି କହିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ବ୍ୟବସାୟୀ



ବ୍ୟବସାୟୀଙ୍କ ପାଇଁ ନିର୍ମିତ ପରିବାହାଟ ପିଣ୍ଡି ।

ସୁନାବେଡା ,୨।୧୧(କୃତ୍ତିବାସ ପ୍ରଧାନ)

ସୁନାବେଡା ପୌର ପରିଷଦ ଅନ୍ତର୍ଗତ ହାଲ ଟାଉନଶିପ ସେଣ୍ଟ୍ରାଲ ମାର୍କେଟ ନିକଟରେ ୧୯୮୯ରେ ଜଗନ୍ନାଥଙ୍କ ନାମରେ ନିର୍ମିତ ହୋଇଥିଲା ସାପ୍ତାହିକ ପରିବା ହାଟ। ଆଖପାଖ ଅଞ୍ଚଳର ଛୋଟ ବଡ ବ୍ୟବସାୟୀମାନେ ଏଠାରେ ନିଜ ଉତ୍ପାଦିତ ଦ୍ରବ୍ୟ ସହଜରେ ବିକ୍ରି କରିବେ ଏହା ଲକ୍ଷ୍ୟ ଥିଲା। ମାତ୍ର ଏହି ଉଦ୍ଦେଶ୍ୟ ସାଧିତ ହୋଇପାରିନାହିଁ। ମାଟି ପିଣ୍ଡିରୁ ଆରମ୍ଭ ହୋଇଥିବା ଏହି ହାଟ ଏବେ ସିମେଣ୍ଟ ପିଣ୍ଡିରେ ପହଞ୍ଚିଲାଣି। ହେଲେ ଏଠାରେ ବ୍ୟବସାୟୀଙ୍କୁ ମୌଳିକ ସୁବିଧା ମିଳୁନାହିଁ। ଏଠାରେ ବ୍ୟବସାୟୀଙ୍କ ପାଇଁ ସାମାନ୍ୟ ଶୌଚାଳୟଟିଏ ନାହିଁ। ବ୍ୟବସାୟ କରିବାକୁ ଆସୁଥିବା ବିଶେଷ କରି ମହିଳା ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରୁ ପ୍ରତିଦିନ ପୌର ପ୍ରଶାସନ ଟିକସ ଆଦାୟ କରୁଛି। ଅଥଚ ମୌଳିକ ସୁବିଧା ସୁଯୋଗ ଦେବାକୁ ଭୁଲିଯାଉଛି। ହାଲ ଟାଉନଶିପର ମଧ୍ୟ ଏହି ପରିବା ବଜାର ପ୍ରତି ଦୃଷ୍ଟି ନାହିଁ। ଏସମ୍ପର୍କରେ ଡ. ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ହାଲ ପ୍ରଶାସନ ପୌର ପ୍ରଶାସନକୁ ମାର୍କେଟର ଉନ୍ନତୀକରଣ ପାଇଁ ପ୍ରଥମେ ସହଯୋଗ କରିବାକୁ ସହମତି ଦେଇଥିଲା । ମାତ୍ର ଏବେ କିଛି ଦିନ ହେଲା ଅସହଯୋଗ କରୁଛି। ପୌର ପ୍ରଶାସନ ଆଦାୟ କରୁଥିବା ଟିକସକୁ ମଧ ହାଲ୍ ପ୍ରଶାସନ ବନ୍ଦ କରିଦେଇଛି। ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାରେ ବାଧା ଉପୁଜୁଛି ବୋଲି ପାତ୍ର କହିଥିଲେ।

# ମୁକ୍ତା ଯୋଜନାର କାର୍ଯ୍ୟାଦେଶ ବାଣ୍ଟିଲେ ବିଧାୟକ

ସୁନାବେଡା,୨।୧୧(କୃତ୍ତିବାସ ପ୍ରଧାନ)

ସୁନାବେଡା ପୌର ପରିଷଦ ସଭା ଗୃହରେ ଗୁରୁବାର ମୁକ୍ତା ଯୋଜନାରେ ହିତାଧିକାରୀ ମାନଙ୍କୁ ବିଧାୟକ ରଘୁରାମ ପଡାଲ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ସେ କହିଥିଲେ ଯେ, ମୁକ୍ତା ଯୋଜନା ଦ୍ୱାରା ଏସ୍‌ଏଚଜି ମହିଳା ଗୋଷ୍ଠୀ ସ୍ୱାବଲମ୍ବୀ ହୋଇ ପାରୁଛନ୍ତି । ସେମାନେ ରାଜ୍ୟର ଉନ୍ନତିରେ ସହାୟକ ହେଉଛନ୍ତି। ଏହି ଅବସରରେ ପୋରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, ଉପାଧ୍ୟକ୍ଷା ରିତୁ କଣ୍ଟା, ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ୩୮ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ୨ଟି ଏସଡ଼ିଏକୁ ବିଧାୟକ ବିଭିନ୍ନ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ବାଣ୍ଟିଥିଲେ। କାର୍ଯ୍ୟକ୍ରମକୁ ଦେବାଶିଷ ଦାସ ଓ ବିଶ୍ୱଜିତ ବେହେରା ପରିଚାଳନା କରିଥିଲେ ।

# ଲ୍ୟାମ୍ପସ୍ ବୋର୍ଡ ବୈଠକରେ ସ୍ଥାୟୀ ଏମ୍‌ଡି ନିଯୁକ୍ତି ନେଇ ଆଲୋଚନା

ପଟ୍ଟାଙ୍ଗି,୨।୧୧(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦରମହକୁମାରେ ଥିବା ଲ୍ୟାମ୍ପସ କାର୍ଯ୍ୟାଳୟରେ ୬ ବର୍ଷ ହେଲା ସ୍ଥାୟୀ ଏମଡି ନାହାନ୍ତି। କୋ-ଅପରେଟିଭ୍ ବ୍ୟାଙ୍କ କର୍ମଚାରୀଙ୍କୁ ଏମ୍‌ଡି ଦାୟିତ୍ୱରେ ରଖାଯାଇ କାର୍ଯ୍ୟ ଚଳାଯାଉଛି। ସ୍ଥାୟୀ ଏମଡି ନିଯୁକ୍ତି ନେଇ ୨୦୧୮ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାକୁ ଆଧାର କରି ଟି. ରାକେଶ ରାଜୁ, ଦୀପକ ରଞ୍ଜନ ଚୌଧୁରୀ, ଅନୁପ ଚୌଧୁରୀ ପ୍ରମୁଖ ଏମଡି ପଦବୀ ଲାଗି ଆବେଦନ କରିଥିଲେ। ଟି. ରାକେଶ ରାଜୁ ଚୟନ ହୋଇଥିଲେ। ମାତ୍ର ଏହାକୁ ଚ୍ୟାଲେଞ୍ଜ କରି ୨୦୧୯ରେ ଦୀପକ ରଞ୍ଜନ ଚୌଧୁରୀ କୋର୍ଟରେ ଆଶ୍ରୟ ନେଇଥିଲେ। ଯାହାଦ୍ୱାରା ଉକ୍ତ ନିଯୁକ୍ତି ସ୍ଥଗିତ ରହିଥିଲା। ନିଯୁକ୍ତି ପାଇଥିବା ରାକେଶ ୨୦୨୧ରେ କୋର୍ଟର ଦ୍ୱାରସ୍ଥ ହୋଇ ମୁଁ ପାଇଥିବା ନିଯୁକ୍ତି କାହିଁକି ମୋତେ ମିଳୁନାହିଁ ବୋଲି ଏକ ମାମଲା ରୁଜୁ କରିଥିଲେ। ଉକ୍ତ ଦୁଇ ପ୍ରାର୍ଥୀଙ୍କ ଯୋଗୁ ବର୍ତ୍ତମାନ ସୁଦ୍ଧା ପଟ୍ଟାଙ୍ଗି ଲ୍ୟାମ୍ପସ୍‌ରେ କେହି ସ୍ଥାୟୀ ଏମ୍‌ଡି ରୂପେ ନିଯୁକ୍ତି ପାଇନାହାନ୍ତି। ବୁଧବାର ଲ୍ୟାମ୍ପସ୍ କାର୍ଯ୍ୟାଳୟ ପରିସରରେ ସଭାପତି ସିକୁରୁ ପାଙ୍ଗିଙ୍କ ଅଧ୍ୟକ୍ଷତାରେ ବୋର୍ଡ ବୈଠକ ବସିଥିଲା । ଏମଡି ଦାୟିତ୍ୱରେ ଥିବା କୋ-ଅପରେଟିଭ୍ ବ୍ୟାଙ୍କର ଦିଗମ୍ବର ନାୟକଙ୍କ ସହ ବୋର୍ଡର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ସମୟରେ ସଭାପତି ପାଙ୍ଗି ସ୍ଥଗିତ ରହିଥିବା ଏମଡି ପଦବୀ ସମ୍ପର୍କରେ ପ୍ରସ୍ତାବ ଉଠାଇଥିଲେ। ଉପସ୍ଥିତ ସଦସ୍ୟମାନେ କୋର୍ଟରେ ଆଶ୍ରୟ ନେଇଥିବା ଦୀପକ ରଞ୍ଜନ ଚୌଧୁରୀଙ୍କୁ ଡାକି ସମସ୍ତ ବିଷୟ ଜାଣିବାକୁ ଚାହିଁଥିଲେ। ମାତ୍ର ଦୀପକ ବୈଠକକୁ ନ ଆସି ତାଙ୍କ ବାପାଙ୍କୁ ପଠାଇଥିଲେ । ସେଠାରେ ତାଙ୍କ ବାପା କହିଥିଲେ, ମୋ ପୁଅ ଏମ୍‌ଡି ନିଯୁକ୍ତି ପାଇଁ ନିଯୁକ୍ତିପତ୍ର ନ ପାଇବା ଯାଏ କୋର୍ଟରୁ କେସ ପ୍ରତ୍ୟାହାର ହେବନାହିଁ। ଏହାକୁ ନେଇ ବୈଠକରେ ଉପସ୍ଥିତ ସଦସ୍ୟ ଏବଂ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

# ଗାଁ ଲୋକେ ନିର୍ମାଣ କଲେ ଅସ୍ଥାୟୀ ପୋଲ

ଦଶମନ୍ତପୁର,୨।୧୧(ଅରବିନ୍ଦ ନାୟକ)



ଗ୍ରାମବାସୀଙ୍କ ନିର୍ମିତ ଅସ୍ଥାୟୀ ପୋଲ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିଲିଗୁମ୍ମା ପଞ୍ଚାୟତର ପୁଣ୍ଡାଗୁଡ଼ା ଗ୍ରାମରେ ଗ୍ରାମବାସୀ ନିଜେ ଶ୍ରମଦାନ କରି ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ଏହି ଗ୍ରାମରେ ୩୨ ପରିବାର ବସବାସ କରନ୍ତି। ଭଣ୍ଡିସିଲ, ପୁଣ୍ଡାଗୁଡ଼ା, ଡ଼େଙ୍ଗାଗୁଡ଼ାବାସୀ ୫ ଥର ହେଲା ଅସ୍ଥାୟୀ ପୋଲ ନିର୍ମାଣ କରୁଛନ୍ତି। ମାତ୍ର ଏହା ପ୍ରତ୍ୟେକ ବର୍ଷ ବର୍ଷା ଋତୁରେ ଭାଙ୍ଗୁଡି ପଡୁଛି। ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ପ୍ରତ୍ୟେକ ଘରୁ ଚାନ୍ଦା ଆଦାୟ କରନ୍ତି। ପଥର ଉପରେ କଂକ୍ରିଟରେ ନିର୍ମିତ ପାଚେରୀ ଓ ପୋଲ ଦୀର୍ଘସ୍ଥାୟୀ ହୋଇପାରୁନି। ଏଭଳି ୫ ଥର ସେମାନେ ଶ୍ରମଦାନ କରି ଅସ୍ଥାୟୀ ପୋଲ ନିର୍ମାଣ କରୁଛନ୍ତି, ଅଥଚ ଏହା ସେମାନଙ୍କୁ କିଛି ସୁଫଳ ଦେଉନାହିଁ ବୋଲି ଗ୍ରାମର ନରେନ୍ଦ୍ର ବିଶୋୟୀ, ଲୋକନାଥ ବିଶୋୟୀ, ବରୁଣ ବିଶୋୟୀ, ଉର୍ଦ୍ଧବ ବିଶୋୟୀ, ଭଜମନ ବିଶୋୟୀ, ଲାବଣ୍ୟ ବିଶୋୟୀ, ଲାଲା ମାଣ୍ଡିଙ୍ଗା, ଈଶର ମାଣ୍ଡିଙ୍ଗା ପ୍ରମୁଖ ପ୍ରକାଶ କରିଛନ୍ତି। ଏହି ରାସ୍ତା ଦେଇ ଆମେ ରାୟଗଡ଼ା ଜିଲା କାଶୀପୁର ବ୍ଲକର ଥିବା ଜୋବାପଦର, ଗୁଗାନ, କସକଟା ଓ ମାଳଆମ୍ବ ଏବଂ ଡୁମ୍ବାଗୁଡ଼ା ପଞ୍ଚାୟତର କାଳିଆମ୍ବ ଏବଂ ହାତୀମୁଣ୍ଡା ଗ୍ରାମକୁ ଯାତାୟାତ କରିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି।

